## ଚୋରି ବାଇକ୍ ଜବତ, ଜଣେ ଗିରଫ

କଳିଙ୍ଗନଗର,(ଡି.ଏନ.ଏ.):ଦାନଗଦି ହାଟରୁଚୋରି ବାଇକକୁ ମଙ୍ଗଳବାର ଦାନଗଦି ଫାଣ୍ଡି ପୋଲିସ ଧୂଳିଗଡ ଗାଁ ନିକଟରୁ ଜବତ କରିଛି। ଏଥିସହିତ ବାଇକ ଚୋରି କରିଥିବା ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ଧୂଳିଗଡ ଗାଁର ସତ୍ୟବ୍ରତ ଦେହୁରୀ। ହାଟକୁ ସୋଉଦା ପାଇଁ ବାଇକ୍ ନଂ. ଓଡି-୩୪-ଏଚ-୫୫୫୮ ରେ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ନୁରୁପୁର ଗାଁର ଗିରିଶ ନାଥ ଓଝା ଯାଇଥିଲେ। ସେ ବାଇକକୁ ମହାନ୍ତି ମାର୍କେଟ କମ୍ପ୍ଲେକ୍ସ ନିକଟରେ ରଖି ସୋଉଦା କିଣୁଥିଲେ। ସୋଉଦା କିଣି ଫେରିବା ପରେ ବାଇକ ସେଠାରେ ନ ଥିବାର ଦେଖିଥିଲେ। ପରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

**ସଂକ୍ଷେପରେ**

## ଠକେଇ ଅଭିଯୋଗରେ ଯୁବକ ଗିରଫ

ଚଣ୍ଡିଖୋଲ,୩।୧(ଡି.ଏନ.ଏ.): ଗଜପତି ଜିଲାର ଜଣେ ରାଜମିସ୍ତ୍ରୀଙ୍କୁ ୮୫ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ମଙ୍ଗଳବାର କାଶୀନଗର ପୋଲିସ ବଡ଼ଚଣା ଥାନା ଅନ୍ତର୍ଗତ ଜେମାଦେଇପୁର ଗ୍ରାମର ଅଭିଷେକ ବଳଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଷେକ ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଏପମାନ ଗୁଡା ଗ୍ରାମର ମିରତି ଶବରଙ୍କୁ ଫୋନ କରି ଏକ ମୋବାଇଲ କମ୍ପାନୀ ଅଧିକାରୀ ଭାବରେ ପରିଚୟ ଦେଇଥିଲେ। ମିରତିଙ୍କ ମୋବାଇଲ ନମ୍ବରରେ କମ୍ପାନୀ ପକ୍ଷରୁ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଉଠିଥିବା କହିଥିଲେ। ଏହି ପୁରସ୍କାର ରାଶି ପାଇବାକୁ ହେଲେ ୮୫ ହଜାର ଟଙ୍କା ଅର୍ଥ ପୈଠ କରିବାକୁ ପଡିବ ବୋଲି ଅଭିଷେକ ସୂଚନା ଦେଇଥିଲେ। ସେଥିପାଇଁ ଅଭିଷେକ ତାଙ୍କ ଆକାଉଣ୍ଟ ନମ୍ବର ଦେଇଥିଲେ। ଏହି ଖବର ଶୁଣି ମିରତି ଖୁସି ହୋଇ ୮୫ ହଜାର ଟଙ୍କା ଆକାଉଣ୍ଟକୁ ପଠାଇ ଦେଇଥିଲେ। ହେଲେ ଆଉ ପୁରସ୍କାର ରାଶି ନ ମିଳିବାରୁ ସେ ଠକାମିର ଶିକାର ହୋଇଥିବା ଜାଣି ପାରିଥିଲେ। ଏଥିନେଇ କାଶୀନଗର ଥାନାରେ ଏତଲା ଦେବା ପରେ ପୋଲିସ ବ୍ୟାଙ୍କ ଆକାଉଣ୍ଟ ଓ ମୋବାଇଲ ନମ୍ବର ଯାଞ୍ଚ କରିଥିଲା। ପରେ ଥାନା କେସ ନଂ.୧୦୮/୨୨ରେ କାଶୀନଗର ପୋଲିସ ଅଭିଷେକଙ୍କୁ ନେଇ ଯାଇଥିବା ବଡ଼ଚଣା ପୋଲିସ ସୂଚନା ଦେଇଛି।

## ନିଯୁକ୍ତି ଦାବିରେ ବିସ୍ଥାପିତଙ୍କ ଧାରଣା

କଳିଙ୍ଗନଗର,୩।୧(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ନୀଳାଚଳ ଇସ୍ପାତ କାରଖାନା ସମ୍ମୁଖରେ ମଙ୍ଗଳବାର ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ମୃତକଙ୍କ ପରିବାରର ଉତ୍ତରାଧିକାରୀଙ୍କୁ କାରଖାନାରେ ନିଯୁକ୍ତି ନେଇ ଧାରଣା ଦିଆଯାଇଛି। ପୁନର୍ବାସ ଏବଂ ପାରିପାର୍ଶିକ ଉନ୍ନୟନ ପରାମର୍ଶଦାତା କମିଟି (ଆରପିଡିଇଏସି) ବୈଠକର ନିଷ୍ପତ୍ତି ଅନୁଯାୟୀ ନୀଳାଚଳ ଇସ୍ପାତ କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ୧୭ ବିସ୍ଥାପିତ କର୍ମଚାରୀଙ୍କ ପରିବାରଙ୍କୁ ପୁନଃ ନିଯୁକ୍ତି ଦେଇଛନ୍ତି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ କାରଖାନାରେ କାର୍ଯ୍ୟରତ ୫୬ ବିସ୍ଥାପିତ କର୍ମଚାରୀ ମୃତ୍ୟୁବରଣ କଲେଣି, କିନ୍ତୁ ଦୁଃଖର ବିଷୟ ବାକି ୩୯ଜଣ ବିସ୍ଥାପିତ ପରିବାରଙ୍କୁ ଚାକିରିରୁ ବଞ୍ଚିତ କରାଯାଇଛି। ଫଳରେ ସେମାନଙ୍କ ପରିବାର ବହୁ ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ଏନେଇ ଗତ ୯।୧୨।୨୧ରେ କମିଟି ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଓ ନୀଳାଚଳ ପରିଚାଳନା ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ କିଛି ସମାଧାନ ହୋଇ ନ ଥିଲା। ଫଳରେ ବିସ୍ଥାପିତ ପରିବାର ଲୋକେ ଆନ୍ଦୋଳନ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

ରସୁଲପୁର,୩।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡା ଗ୍ରାମର ସାମାଜିକ କର୍ମୀ ତଥା ପ୍ରତିଷ୍ଠିତ ବ୍ୟବସାୟୀ ଦୁଃଶାସନ ଆଏଚ(୮୩)ଙ୍କ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଛି। ଏହି ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଦୁଃଶାସନ ଜଣେ ସାମାଜିକ କର୍ମୀ ସହ ପାଣିକୋଇଲି ବଜାରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଭାବରେ ପରିଚିତ ଥିଲେ। ସେ ଏକାଧାରରେ ଜଣେ ସରଳ, ଅମାୟିକ, ଭଦ୍ର ବ୍ୟକ୍ତି ଥିଲେ। ତାଙ୍କର ଆଚାର ବ୍ୟବହାର ପାଇଁ ସେ ସମସ୍ତଙ୍କ ପାଖରେ ପରିଚିତ ଥିଲେ। ପାଣିକୋଇଲି ବଜାରର ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ଗାଁର ଆନୁଷ୍ଠାନିକ କାର୍ଯ୍ୟରେ ତାଙ୍କର ବିଶେଷ ଯୋଗଦାନ ରହୁଥିଲା। ମରଶରୀରକୁ ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନ ପରିକ୍ରମା କରାଯିବା ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଅଶୋକ କୁମାର ଆଏଚ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମ୍ପନ୍ନ ସମୟରେ ତାଙ୍କ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।



# ବ୍ୟାସ ସରୋବର ମେଳାକୁ ନେଇ ଚିନ୍ତା

**ଯାଜପୁର ରୋଡ,୩।୧(ଡି.ଏନ.ଏ.)**




- ଏନ୍‌ଜିଟି ଫାଶରେ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ
- ଏବେଠୁ କିଛି କହି ହେବ ନାହିଁ: ନିର୍ବାହୀ ଅଧିକାରୀ

ପ୍ରକୃତି କୋଳରେ ହସୁଥିବା ଉପକୂଳ ଓଡ଼ିଶାର ଯାଜପୁର ଜିଲା ଅନ୍ତର୍ଗତ ପୌରାଣିକ ପୀଠ ବ୍ୟାସସରୋବର ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ସରୋବରର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି(ଡିଏମ୍‌ଏଫ୍)ରୁ ୬୪ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ସୌନ୍ଦର୍ଯ୍ୟକରଣ କାମ ଜଙ୍ଗଲ ଜମିରେ ହେଉଥିବା ଅଭିଯୋଗ କରି ଉକ୍ତ ପ୍ରକଳ୍ପ ଏବେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ଫାଶରେ ପଡିଛି। ଦୀର୍ଘ ପ୍ରାୟ ୭୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏଠାରେ ପ୍ରସିଦ୍ଧ ବ୍ୟାସ ସରୋବର ମେଳା ଅନୁଷ୍ଠିତ ହୋଇ ଆସୁଛି। ତେବେ ଏନ୍‌ଜିଟି ମାମଲା ଯୋଗୁ ପ୍ରତିବର୍ଷ ଭୌମୀ ଏକାଦଶୀ ତଥା ଫେବୃୟାରୀ ୧ରୁ ଆରମ୍ଭ ହେଉଥିବା ବ୍ୟାସସରୋବର ମେଳା ଚଳିତ ବର୍ଷ ହେବ କି ନାହିଁ ସେ ନେଇ ଚିନ୍ତା ବଢ଼ିଛି।

ଅତି ପ୍ରାଚୀନ କାଳରୁ ପୁରାଣରେ ବର୍ଣ୍ଣିତ ତଥ୍ୟକୁ ଆଧାର କରି ଯାଜପୁର ଜିଲାର କେତେଗୁଡିକ ପର୍ଯ୍ୟଟନସ୍ଥଳୀ ମହତ୍ୱ ବହନ କରିଛି । ଏହା ଓଡ଼ିଶାର ଐତିହ୍ୟକୁ ଋଦ୍ଧିମନ୍ତ କରିବା ସହ ବିଶ୍ୱରେ ପ୍ରେମ ଭାବ ସୃଷ୍ଟି କରିଛି। ସେଥିପାଇଁ ବହୁ ପରିଦର୍ଶକ, ପର୍ଯ୍ୟଟକ ଏହାକୁ ଲପଲବ୍ଧି କରି ପରିଦର୍ଶନରେ ଆସିଥାନ୍ତି । ତନ୍ମଧ୍ୟରୁ ବ୍ୟାସ ସରୋବରର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ସେଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଅପୂର୍ବ ସମ୍ଭାର ରହିଛି । ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନଠାରୁ ମାତ୍ର ୩ କିମି ଦୂରରେ ରହିଛି ପୌରାଣିକ ବ୍ୟାସସରୋବର । ୧୯୯୪ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟାସସରୋବରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି । ଆଜିକୁ ୨୮ ବର୍ଷ ବିତିଛି, ହେଲେ ସେହି ସରୋବର ନାହିଁ, କେବଳ ପଡି ରହିଛି ଡିପ ଟାଙ୍ଗର ଓ ପଥୁରିଆ ଭୂମି। ଗୁପ୍ତ ଗଙ୍ଗା ରହିଛି ଓ ଏହାର ଚତୁଃପାର୍ଶ୍ୱରେ ପଞ୍ଚୁ ପାଣ୍ଡବଙ୍କ ସମେତ ଦୁର୍ଯ୍ୟୋଧନ ଓ ଲକ୍ଷ୍ମୀଙ୍କ ପ୍ରତିମା ଶୋଭା ପାଉଛି। ପ୍ରାଚୀନ କାଳରେ ଏଠାରେ ବୃହତ୍ ସରୋବର ଥିଲା ବୋଲି ଜନଶ୍ରୁତି ରହିଛି। ଏବେ ତାହା ପୋତି ହୋଇଯାଇଛି। ସରୋବରର ପଶ୍ଚିମ ପଟକୁ ଆମ୍ବ ବଗିଚା ଓ ଏକ ପାର୍ଶ୍ୱରେ ରାଘବ ଜୀଉଙ୍କ ମନ୍ଦିର ରହିଛି । ହେଲେ ରାଘବ ଜୀଉଙ୍କ କମନୀୟ ମୂର୍ତ୍ତି ୧୯୭୮ରୁ ଚୋରି ହୋଇ ଯାଇଛି। କେବଳ ରହିଯାଇଛି ସେହି ପୌରାଣିକ ସ୍ମୃତି । ଶାରଳା ମହାଭାରତର ଗଦାପର୍ବ ଅନୁସାରେ ବ୍ୟାସସରୋବର ମହାତ୍ମ୍ୟ ସମ୍ପର୍କରେ ସବିଶେଷ ଉଲ୍ଲେଖ ରହିଛି। ମହାଭାରତର ଶେଷ ଯୁଦ୍ଧ ଏଠାରେ ହୋଇଥିଲା ବୋଲି କିମ୍ବଦନ୍ତୀ ରହିଛି। ଗୁପ୍ତଗଙ୍ଗାରେ ଦୁର୍ଯ୍ୟୋଧନ ଲୁଚିଥିଲେ ଏବଂ ଭୀମ ପହଞ୍ଚି ରଡି ଛାଡିଥିଲେ। ଏହାପରେ ଦୁର୍ଯ୍ୟୋଧନ ଗୁପ୍ତ ଗଙ୍ଗାରୁ ବାହାରିବା ପରେ ଯୁଦ୍ଧ ହୋଇଥିଲା ଏବଂ ଭୀମ ତାଙ୍କ ଯାନୁ ଭଙ୍ଗ କରିଥିଲେ ବୋଲି ବିଶ୍ୱାସ ରହିଛି। ତେଣୁ ମେଳା ସମୟରେ ଏଠାକୁ ପ୍ରତିବର୍ଷ ଦେଶ ଓ ଦେଶ ବାହାରୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ ।

ବ୍ୟାସନଗର ପୌର ପରିଷଦ ପ୍ରାୟ ୧୧ ଦିନ ଧରି ମେଳାର ଦାୟିତ୍ୱ ନିର୍ବାହ କରିଥାଏ। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା, କବିତା ପାଠୋତ୍ସବ ସହ ବିଭିନ୍ନ ଦୋକାନ ବଜାର ଓ ମୀନା ବଜାର ପଡିଥାଏ। ଲୋକଙ୍କ ସମାଗମରେ ଏହି ବ୍ୟାସସରୋବର ଧାର୍ମିକ ଧାରଣାକୁ ସମୃଦ୍ଧ କରି ଆସିଛି । ଏହି କ୍ରମରେ ଡିଏମ୍‌ଏଫ୍‌ରୁ ସବୁଦିନିଆ ରାସ୍ତା, ସରୋବରର ପୁନରୁଦ୍ଧାର, ଗୁପ୍ତଗଙ୍ଗାର ମରାମତି, ବେଢ଼ା ନିର୍ମାଣ, ଚାରା ରୋପଣ, ପାର୍କ, ଆଲୋକର ସୁବ୍ୟବସ୍ଥା, ମହାଭାରତର ପରିକଳ୍ପନା ଆଦି ନିର୍ମାଣ ପ୍ରସ୍ତାବ ରହିଛି। ତେବେ ବର୍ତ୍ତମାନ ଏନ୍‌ଜିଟିରେ ଏହି ମାମଲା ବିଚାରାଧୀନ ଥିବାରୁ ମେଳାର ଆୟୋଜନ ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ବିକ୍ରମ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ମେଳା ଆୟୋଜନକୁ ଆହୁରି ବହୁ ଦିନ ବାକି ରହିଛି। ତେଣୁ ଏବେ ମେଳାର ଆୟୋଜନ ସଂକ୍ରାନ୍ତରେ କିଛି କହି ହେବ ନାହିଁ।

## ୨୨ ଜଣଙ୍କୁ ମିଳିବ 'ଅଖିଳଚକ୍ର ମକର ସମ୍ମାନ'

**ପ୍ରାତିପୁର,୩।୧(ଡି.ଏନ୍.ଏ.)**

ବରୁଣେଶ୍ୱର କ୍ଷେତ୍ରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ମକର ମିଳନ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅଖିଳଚକ୍ର ପରିଚାଳନା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ରାଜ୍ୟର ୨୨ ଜଣଙ୍କୁ ମକର ସଂକ୍ରାନ୍ତି ଦିନ ବରୁଣେଶ୍ୱର ପୀଠରେ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତବର୍ଷର ଅଖିଳଚକ୍ର ମକର ସମ୍ମାନ କବି ପ୍ରଭାକର ଶତପଥୀଙ୍କୁ ସାରସ୍ୱତ ସାଧନା ପାଇଁ, କଳା କ୍ଷେତ୍ରରେ ବୈଦ୍ୟନାଥ ଦାସଙ୍କୁ, ଗଳ୍ପ ଓ ଉପନ୍ୟାସ ଲାଗି କେଶବ ରାଉତରାୟଙ୍କୁ, ନାଟକ କ୍ଷେତ୍ରରେ ପ୍ରାଧ୍ୟାପିକା ବିନ୍ଦୁରେଖା ମହାପାତ୍ରଙ୍କୁ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି କବି ନିଖିଳେଶ ମହାନ୍ତିଙ୍କୁ କବି ରବୀନ୍ଦ୍ର ପାଢ଼ୀ ସ୍ମାରକୀ କବିତା ସମ୍ମାନ, ସମାଜସେବୀ ସୁଢ଼ଳ କୁମାର ସାହୁଙ୍କୁ କପିଳ ଚରଣ ସ୍ମାରକୀ ସମ୍ମାନ, ଅଲେଖ ପ୍ରସାଦ ମହାରଣାଙ୍କୁ ପ୍ରମୋଦିନୀ ସାମଲ ସ୍ମୃତି ସମ୍ମାନ, ଡାକ୍ତର ଦୁର୍ଯ୍ୟୋଧନ ସାମଲଙ୍କୁ ସମ୍ବିତ ପାଢ଼ୀ ସ୍ମୃତି ସମ୍ମାନ, ଡାକ୍ତର ଶାନ୍ତନୁ କୁମାର ସାହୁଙ୍କୁ ଅଂଶୁମାନ ନାୟକ ସ୍ମୃତି ସମ୍ମାନ, ଡାକ୍ତର ପ୍ରଶାନ୍ତ ବିଶ୍ୱାଳଙ୍କୁ ପଞ୍ଚାନନ ନାୟକ ସେବା ସମ୍ମାନ, ବରିଷ୍ଠ ସାମ୍ବାଦିକ ହୃଷୀକେଶ ଜେନାଙ୍କୁ ସାମ୍ବାଦିକ ଆନନ୍ଦ ବିହାରୀ ବର୍ମା ସ୍ମୃତି ସମ୍ମାନ, ପ୍ରାଧ୍ୟାପକ ଚତୁର୍ଭୁଜ ସାହୁଙ୍କୁ ପ୍ରଭାକର ଦାସ ସ୍ମୃତି ସମ୍ମାନ, କବି ଅମ୍ରିତା ସିଂହଙ୍କୁ ଅକ୍ଷୟାରାଣୀ କବି ସମ୍ମାନ, ଶିକ୍ଷାବିତ୍ ଧନେଶ୍ୱର ନାୟକଙ୍କୁ ଗୌରାଙ୍ଗ ଦାଶ ସ୍ମୃତି ସମ୍ମାନ, ସଙ୍ଗୀତଜ୍ଞ ଦୀନେଶ ମଲ୍ଲିକଙ୍କୁ ନଟବର କଳା ସମ୍ମାନ, ସାହିତ୍ୟିକ ଗଦାଧର ମିଶ୍ରଙ୍କୁ ଜଗନ୍ନାଥ ଦାସ ସ୍ମୃତି ସମ୍ମାନ, ଗାଳ୍ପିକ ଫକୀର ଚରଣ ନାୟକଙ୍କୁ ମହେଶ୍ୱର ସ୍ମୃତି ସମ୍ମାନ, ଭାଗୀରଥି ନନ୍ଦଙ୍କୁ ମଧୁସୂଦନ ଜେନା ସ୍ମୃତି ସମ୍ମାନ, ନାରାୟଣ ସ୍ୱାଇଁଙ୍କୁ ଗୋପାଳ ଚରଣ ସ୍ୱାଇଁ ସ୍ମୃତି ସମ୍ମାନ, ହରେକୃଷ୍ଣ କାଣ୍ଡିଙ୍କୁ ପ୍ରମୋଦ ନାୟକ ସ୍ମୃତି ସମ୍ମାନ, ସେବିକା ଇତି ଜେନାଙ୍କୁ ଲକ୍ଷ୍ମୀପ୍ରିୟା ସ୍ମୃତି ସମ୍ମାନ ପ୍ରଦାନ କରାଯିବାକୁ ଅନୁଷ୍ଠାନ ପକ୍ଷରୁ ସ୍ଥିର କରାଯାଇଛି ବୋଲି ସମ୍ପାଦକ ହରେକୃଷ୍ଣ ପଣ୍ଡା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ପ୍ରତିଭା ଚୟନ କମିଟିର ସଦସ୍ୟ ରବୀନ୍ଦ୍ର କୁମାର ପରିଡ଼ା, ଗୌରାଙ୍ଗ ସ୍ୱାଇଁ, ପୀତାମ୍ବର ସ୍ୱାଇଁ. ଡ. ଶ୍ରୀହରି ଧଳ, ସୁରେନ୍ଦ୍ର କୁମାର ପତି ପ୍ରମୁଖ ପ୍ରସ୍ତାବ ଆଲୋଚନା କରି ନିଷ୍ପତ୍ତି ଗ୍ରହଣ କରିଥିଲେ।

# ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା



ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି ।

**ଚଣ୍ଡିଖୋଲ,୩।୧(ଡି.ଏନ.ଏ.):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହାସ୍ଥିତ ଭଗବତୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଛାତ୍ରୀଛାତ୍ର ମଙ୍ଗଳବାର ଧାରଣା ଦେଇଛନ୍ତି। ପାନୀୟ ଜଳ ଓ ଶୌଚାଳୟର ବ୍ୟବସ୍ଥା ନ ଥିବା, ୩ ମାସ ହେବ ବିଦ୍ୟାଳୟରୁ ବିଦ୍ୟୁତ୍ ବିଚ୍ଛିନ୍ନ ହେବା ଆଦି ଦାବିକୁ ନେଇ ଏହି ଧାରଣା ଚାଲିଥିଲା। ତେବେ ପ୍ରଧାନଶିକ୍ଷକ ଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ବିଦ୍ୟାଳୟରେ ୨୮୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ୫-ଟି ଯୋଜନାରେ ବିଦ୍ୟାଳୟକୁ ସାମିଲ କରାଯାଇ କାମ ହୋଇଥିଲେ ମଧ କେବଳ ରଙ୍ଗ ମାରି ଚକା ଚକ କରାଯାଇଛି। ଏଠାରେ ନିର୍ମାଣ ହୋଇଥିବା ଶୌଚାଳୟ ଅଚଳ ଅବସ୍ଥାରେ ରହିଛି। ସ୍ମାର୍ଟ କ୍ଲାସ ରୁମ ନିର୍ମାଣ ହେବାର ୩ ମାସ ପରେ ଅଚଳ ହୋଇଯାଇଛି। କଳା ପଟା ଗୁଡିକ ଭାଙ୍ଗି ଦିଆଯାଇ ଥିଲେ ମଧ ନୂତନ କଳପଟା ନିର୍ମାଣ ହୋଇନାହିଁ। ପୂର୍ବରୁ ମୋ ସ୍କୁଲ ଯୋଜନାରେ ବିଦ୍ୟାଳୟ ପାଚେରି, ଫୁଲ ବଗିଚା, ସାଇକେଲ ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ ଏହାକୁ ଦେଖାଇ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରଯାଇଛି। ଏହି ସବୁ ଅଭିଯୋଗ କରି ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଥିଲେ। ହେଲେ ବ୍ଲକ ଶିକ୍ଷା ଅଧିକାରୀ ଘଟଣା ସ୍ଥଳକୁ ଆସି ନ ଥିଲେ। ଏଥିନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନାୟକ କୁହନ୍ତି, ଆମ ବିଦ୍ୟାଳୟ ଗ୍ରାଣ୍ଟ ଇନ ଏଡ୍ ବ୍ୟବସ୍ଥା ମଧ୍ୟରେ ଥିବାରୁ ସ୍କୁଲର ଆବଶ୍ୟକ ଖର୍ଚ୍ଚ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଆମେ ସ୍କୁଲ୍‌ର ଉନ୍ନତି ପାଇଁ କିଛି ଖର୍ଚ୍ଚ କରି ପାରୁନାହୁଁ। ସେଥିପାଇଁ ଏଭଳି ସମସ୍ୟା ଉପୁଜିଛି। ଅନ୍ୟପକ୍ଷରେ ଯଦି ଆଗାମୀଦିନରେ ଏହାର ସ୍ଥାୟୀ ସମାଧାନ କରା ନ ଯାଏ ତେବେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଅଭିଭାବକ ଚେତାବନୀ ଦେଇଛନ୍ତି।

## ଗ୍ରାହକଙ୍କୁ ପିଟିଲେ ଜଳଖିଆ ଦୋକାନୀ

**ବାଲିଚନ୍ଦ୍ରପୁର,୩।୧(ସ୍ୱ.ପ୍ର.):**

ବାଲିଚନ୍ଦ୍ରପୁର ବଜାରରେ ବାସି ଜଳଖିଆ ଖାଇବାକୁ ଦେବାକୁ ନେଇ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଜଳଖିଆ ଦୋକାନୀ ଏବଂ ତାଙ୍କ ଭାଇ ମିଶି ଗ୍ରାହକଙ୍କୁ ଆକ୍ରମଣ କରିଥିବା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ତେବେ ଘଟଣାକୁ ଏକ ସପ୍ତାହ ବିତିଯାଇଥିଲେ ମଧ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ ପୋଲିସ। ଡିସେମ୍ବର ୨୭ରେ ଉକ୍ତ ଥାନା ଅଧୀନ ଅଣକା ପଞ୍ଚାୟତ ରାହାଳ ଗ୍ରାମର ଚିତ୍ତରଞ୍ଜନ ସେନାପତି ବାଲିଚନ୍ଦ୍ରପୁର ବଜାରର ଜାତୀୟ ରାଜପଥ ଗଳିପୋଲ ନିକଟରେ ଥିବା ଜଳଖିଆ ଦୋକାନରୁ ବ୍ରେଡ୍‌ଚପ୍ ଖାଇଥିଲେ। ଏହାପରେ ସେ ବାସି ବ୍ରେଡ୍‌ରେ ଚପ୍ କରି ଗ୍ରାହକଙ୍କୁ କାହିଁକି ଖାଇବାକୁ ଦେଉଛ ବୋଲି ଆପତ୍ତି ଉଠାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାପରେ ଦୋକାନୀ ୪ ଭାଇ ସ୍ଥାନୀୟ ନାନପୁର ମୋହନ ସାହୁ, ମଦନ ସାହୁ, ଚନ୍ଦନ ସାହୁ, ବଂଶୀ ସାହୁ ଚିତ୍ତରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଚିତ୍ତରଞ୍ଜନଙ୍କ ବାପା ବିଚିତ୍ରାନନ୍ଦ ଡିସେମ୍ବର ୨୯ରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୪୪୦/୨୨ରେ ଏକ ମାମଲା ରୁଜୁ ହୋଇଛି। ଏନେଇ ତଦନ୍ତକାରୀ ଅଧିକାରୀ ଏସ.ବି. ପରିଡ଼ାଙ୍କୁ ପଚାରିବାରେ ସେ ଆଇଆଇସି ସାରଙ୍କୁ ପଚାରନ୍ତୁ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ସ୍ମୃତି ସାଉଣ୍ଟିଲେ ପୁରାତନ ଛାତ୍ରୀଛାତ୍ର



ବନ୍ଧୁମିଳନ ଉତ୍ସବରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ପୁରାତନ ଛାତ୍ରୀଛାତ୍ରମାନେ ।

**ବରୀ,୩।୧(ଡି.ଏନ.ଏ.):**

ବରୀ ବ୍ଲକ୍ ଅଧୀନ ନନ୍ଦିନୀ ଦେବୀ ବିଦ୍ୟାପୀଠ ସେରପୁରଠାରେ ୨୦୧୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ନୂଆ ବର୍ଷରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ର ସାମିଲ ହୋଇ ଅତୀତକୁ ମନେ ପକାଇ ସ୍ମୃତି ସାଉଣ୍ଟିଲେ। ଏହି ବିଦ୍ୟାଳୟରେ ଶିକ୍ଷା ଦାନ କରିଥିବା ସମୟର ଅନୁଭୂତି ଏବଂ ୯ ବର୍ଷ ବ୍ୟବଧାନ ପରେ ପରସ୍ପରକୁ ଭେଟିବା, ଭାବର ଆଦାନ ପ୍ରଦାନ କରିବା ବେଳେ ସେମାନଙ୍କ ମଧ୍ୟରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ସାମଲ, ଅଜିତ ରାୟ, କବିତା ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ଶୁଭ୍ରାଂଶୁ ନାୟକ, ଶମ୍ଭୁନାଥ ମହାପାତ୍ର, ଧାରା ସାମଲ, ପାରେଶ୍ୱର ପରିଡା, ଗୌରୀରାଣୀ ରଥ, ସାବିତ୍ରୀ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ବାଲିଘାଟ ରାସ୍ତା ବନ୍ଦକଲେ ଗ୍ରାମବାସୀ

**ପାଣିକୋଇଲି,୩।୧(ଡି.ଏନ୍.ଏ.):**

ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଶାଳବା ଗ୍ରାମରେ ବ୍ୟକ୍ତିଗତ ଜାଗାରେ ବାଲି ଗାଡି ଚଳାଚଳକୁ ବିରୋଧ କରି ଗ୍ରାମବାସୀ ରାସ୍ତା ବନ୍ଦ କରିଛନ୍ତି। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଲୋଡ ଓ ଖାଲିଗାଡି ଅଟକି ରହିଥିଲା। ପରେ ପୋଲିସ ପହଞ୍ଚି ଧମକ ଦେବାରୁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଲୋଡ୍ ଗାଡି ଗୁଡିକୁ ଛାଡିବାକୁ କହିବାରୁ କେବଳ ଲୋଡ ଗାଡି ଛଡାଯାଇଥିଲା। ବାଲି ଘାଟକୁ ବାଲି ପାଇଁ କୌଣସି ଗାଡି ଛଡାଯାଇ ନ ଥିଲା। ରାସ୍ତା ଉପରେ ବାଡ ବୁଜା ଯୋଗୁ ଘାଟ ସମ୍ପୂର୍ଣ୍ଣ ବନ୍ଦ ରହିଛି।

ପ୍ରକାଶଯେ, ଶାଳବା ବାଲି ଘାଟକୁ ସୁବାସ ଭୂତିଆଙ୍କ ଜମି ଉପରେ ଗାଡି ଚଳାଚଳ କରିଥାଏ। ଗତ ବର୍ଷ ବାଲି ଘାଟ ପାଇଁ ଆଲୋଚନା କରି ଗାଡି ଯାତାୟାତ କରୁଥିଲା। କିନ୍ତୁ ଚଳିତ ବର୍ଷ କୌଣସି ଆଲୋଚନା ନ କରି ବାଲି ଭାରିଯାନ ଚଳାଚଳ କରୁଥିଲା। ଯାହାକୁ ସୁବାସ ଓ ତାଙ୍କ ପରିବାର ବିରୋଧ କରିଥିଲେ। ଶେଷରେ ରାସ୍ତାରେ ବାଡ ବୁଜି ଦେବାରୁ ଉଭୟ ପଟରେ ଶତାଧିକ ଗାଡି ଅଟକି ରହିଥିଲା। ବାଲି ଲିଜ ଧାରୀ ସେଠାକୁ ନ ଯାଇ ପୋଲିସ ସହାୟତା ନେଇଥିଲେ। ଗ୍ରାମବାସୀ ବ୍ୟକ୍ତିଗତ ଜାଗାରେ ବାଡ ବୁଜିବା ନେଇ ପୋଲିସକୁ ଦର୍ଶାଇଥିଲେ।

## ୧୯୮୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ।

**ରସୁଲପୁର,୩।୧(ଡି.ଏନ.ଏ.):**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ନଠୁଆବର ପଞ୍ଚାୟତ ଆଦମପୁରସ୍ଥିତ ପଞ୍ଚାୟତ ସରକାରୀ ରୂପାନ୍ତରଣ ଉଚ୍ଚ ବିଦ୍ୟାଳୟର ୧୯୮୨ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ପହିଲାରେ ଆଦମପୁର ଗ୍ରାମର ମର୍ତ୍ତ୍ୟ ବୈକୁଣ୍ଠ ଗୋଲକ ଧାମ ପୀଠରେ ଅନୁଷ୍ଠିତ ଉତ୍ସବରେ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇ ଅତୀତର ସ୍ମୃତି ମନେ ପକାଇଥିଲେ। ଏଥିସହିତ ବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ପ୍ରତିବର୍ଷ ଏକାଠି ହେବାର ସୁଯୋଗ ସୃଷ୍ଟି କରିବେ ବୋଲି ଆଲୋଚନା ଜରିଆରେ ବିଦ୍ୟାର୍ଥୀଙ୍କ ମତାମତ ନିଆଯାଇଥିଲା। ପୂର୍ବତନ ଶିକ୍ଷକ ଆନନ୍ଦ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ ଅନେକ ଉପଦେଶମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଅଜୟ କୁମାର ନାୟକ, ଭବାନୀ ଶଙ୍କର ଆଚାର୍ଯ୍ୟ, ଅଜୟ କୁମାର ରଥ, ରଞ୍ଜନ ସାହୁ, ରାଇଚରଣ ଚକ୍ର, ଶାନ୍ତିଲତା ପାତ୍ର, ବାମାପ୍ରିୟା ସାମଲ, ଜୟନ୍ତୀ ସାହୁ, ରମେଶ ଜେନା ଓ ଶିଶିର ସାମଲ ପ୍ରମୁଖ ଛାତ୍ରୀଛାତ୍ର ବନ୍ଧୁମିଳନ ଆୟୋଜନ କରିଥିଲେ। ବ୍ୟାଚ୍‌ର ସମସ୍ତ ବିଦ୍ୟାର୍ଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିପୁଳ ଚୋରା ଡିଜେଲ ଜବତ, ୩ ଅଟକ

**ପାଣିକୋଇଲି,୩।୧(ଡି.ଏନ.ଏ.):**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କଡ ମଣିପୁର ଗ୍ରାମରେ ମଙ୍ଗଳବାର ସକାଳୁ ପାଣିକୋଇଲି ପୋଲିସ ପକ୍ଷରୁ ଚଢାଉ କରାଯାଇଛି। ଏହି ସମୟରେ ବିପୁଳ ପରିମାଣର ଚୋରା ଡିଜେଲ, ୨ଟି ବାଇକ୍, ୧ ଚାରିଚକିଆ ଗାଡି ଜବତ କରାଯିବା ସହ ତିନି ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି। ଚୋରା କାରବାରର ଖବର ପାଇ ପୋଲିସ ଚଢାଉ କରିଥିଲା। ଅଟକ ଯୁବକମାନେ ତେଲିଆ ଓ ବୈତରଣୀରୋଡ ତୁଳସୀପୁର ଅଞ୍ଚଳର ବୋଲି ଜଣାପଡିଛି। ଏନେଇ ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଚଢ଼ାଉରେ ଏସ୍‌ଆଇ ପ୍ରକାଶ ପ୍ରଧାନ, ଅଶୋକ ବଳ, କନଷ୍ଟେବଳ ମନମୋହନ ବାରିକ, ଧୀରେଶ ସାହୁ, ନିରଞ୍ଜନ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ରାଜପଥ କଡରେ ବ୍ୟାପକ ଡିଜେଲ କାରବାର ଚୋରା ଚାଲାଣ ହେଉଥିବା ବେଳ ପୋଲିସର ଚଢାଉକୁ ସାଧାଣରେ ସ୍ୱାଗତ କରାଯାଇଛି। ଏଥିସହିତ ରାଜପଥରେ ରାତ୍ରି ପାଟ୍ରୋଲିଂ କଡାକଡି କରାଯିବାକୁ ଦାବି ହୋଇଛି।

# ଗୋପୀନାଥ ଜୀଉ କ୍ରିକେଟ: ଆଲଡ଼ା ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

**ପାଣିକୋଇଲି,୩।୧(ଡି.ଏନ.ଏ.):**

ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମରେ ୨୮ତମ ଗୋପୀନାଥଜୀଉ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧନପୁରକୁ ହରାଇ ଆଲଡା ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ଧନପୁର ଓ ପଣ୍ଡୁଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାନ୍ଦପୁର ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା। ଜବାବରେ ଧନପୁର ୭ ଓଭରରେ ୨ ଉଇକେଟ ହରାଇ ୯୧ ରନ କରି ବିଜୟ ଲାଭ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଆଲଡା ବନାମ କୋରେଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋରେଇ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୫୪ ରନ କରିଥିଲା। ଜବାବରେ ଆଲଡ଼ା ୫ ଓଭରରେ ୩ ଉଇକେଟ ହରାଇ ୫୫ ରନ କରି ବିଜୟ ଲାଭ କରିଥିଲା।

ଫାଇନାଲ ମ୍ୟାଚ୍ ଆଲଡା ବନାମ ଧନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଲଡ଼ା ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରିଥିଲା। ଧନପୁର ୧୦ ଓଭରରେ ୮ ଉଇକେଟ ହରାଇ ୧୧୩ ରନ କରି ପରାଜୟ ବରଣ କରିଥିଲା। ଫଳରେ ଆଲଡା ଚାମ୍ପିୟନ ହୋଇଥିଲା। ମ୍ୟାଚଗୁଡିକୁ ରଞ୍ଜନ ଖୁଣ୍ଟିଆ, ମନୋଜ ଭାରତୀ, ରୁଦ୍ର ବେହେରା, ମନୋଜ ଭାରତୀ ପରିଚାଳନା କରିଥିଲେ। ସ୍କୋରର ଭାବେ ଅୟସଜ୍ୟୋତି ସାମଲ, ଶ୍ରୀପତି ପୁରୀ ଓ ପରମେଶ୍ୱର ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥିଭାବେ ଶରତ ଦାଶ, ସାମ୍ବାଦିକ ସୁବାସ ଧଳ, ସାମାଜିକ କର୍ମୀ ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନରଅପ ଦଳକୁ ପୁରସ୍କୃତ କରିଥିଲେ। ଆଲୋକ ବେହେରା, ଅକ୍ଷୟ ସାମଲ, ପ୍ରକାଶ ମଲିକ, ଉମେଶ ପୁରୀ, ସୁବାସ ପୁରୀ, ଭୀମସେନ ଦାସ, ଅଭୟ ମଲିକ, ଅମୂଲ୍ୟ ମଲିକ, ମଦନ ମୋହନ ଜେନା, ରଶ୍ମିରଞ୍ଜନ ଭାରତୀ, ରଜତ ବେହେରା ଓ ନୀଳମଣି ପାଢୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କନିକା ରିଡିଂ ରୁମ୍‌ର ବାର୍ଷିକ ଉତ୍ସବ

**ରାଜକନିକା, ୩୧(ଡି.ଏନ୍.ଏ.):** କନିକା ରିଡିଂ ରୁମର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ସ୍ଥାୟୀ ସଭାପତି ତଥା କନିକା ତହସିଲଦାର ଅଶୋକ କୁମାର ଦେହୁରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତିର ଅଧକ୍ଷା ମିନତି ରାଉତ, ମୁଖ୍ୟବକ୍ତା ଭାବେ ପରିବେଶବିତ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ନିମାଇଁ ଚରଣ ପଟ୍ଟନାୟକ, ସମ୍ମାନୀତ ଅତିଥି ଖବରଦାତା ଶିବରାମ ଦାସ ଯୋଗଦେଇ ପ୍ରାକୃତିକ ପରିବେଶର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଗୋପୀନାଥ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କଣ୍ଡିଆହାଟ ବି.ପି. ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ସାମଲ, ରାଜକିଶୋର ପାଢ଼ୀ ଓ ସୁବାସ ରାଉତ, ବିଭୂତି ତରାଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ଖଗେଶ୍ୱର ପଢ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ କାଳିପ୍ରସାଦ ନାୟକ, ଦାମୋଦର ଧଳ ସହଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ବିୟୋଗ

**କେନ୍ଦ୍ରାପଡ଼ା ଅଫିସ୍, ୩୧:** କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଗାବତୀ ସେଠୀଙ୍କ ସୋମବାର ବିଳମ୍ବିତ ରାତିରେ କଅଁରପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଦୁର୍ଗାବତୀ ଜଣେ ପରୋପକାରୀ ଓ ସାମାଜିକ କର୍ମୀ ଥିଲେ। ବାତ୍ୟା ଓ ବନ୍ୟା ସମୟରେ ଇନ୍ଦୁପୁର ଓ ଧୂମାତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ସାଧାରଣ ଲୋକଙ୍କୁ ସହାୟତା ପ୍ରଦାନ କରିବା ସହ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ନିଜ ପଞ୍ଚାୟତରେ ସଫଳତାର ସହ କାର୍ଯ୍ୟ କରି ସାଧାରଣରେ ପ୍ରଶଂସାର ପାତ୍ର ଦୁର୍ଗାବତୀ ହୋଇଥିଲେ। ତେବେ ତାଙ୍କ ବିୟୋଗ ଖବର ଶୁଣି ଇନ୍ଦୁପୁର ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୁତାର, ପୂର୍ବତନ ସରପଞ୍ଚ ବିଜନ କୁମାର ମଲ୍ଲିକ, ଅଧାପକ ସଂଗ୍ରାମ କେଶରୀ ରାଉତ, ରଣଜିତ ରଞ୍ଜନ ରାଉତଙ୍କ ସମେତ ବହୁ ବ୍ୟକ୍ତି ଦୁର୍ଗାବତୀଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଦୁର୍ଗାବତୀଙ୍କ ମୃତଦେହକୁ ଇନ୍ଦୁପୁରୁ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ପୂର୍ବତନ ଅଧକ୍ଷ ଡ. କିଶୋର ଚନ୍ଦ୍ର ସାହୁଙ୍କ ପରଲୋକ

**କେନ୍ଦ୍ରାପଡ଼ା ଅଫିସ, ୩୧:** କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. କିଶୋର ଚନ୍ଦ୍ର ସାହୁ (୮୭)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ବୟସାଧିକ ଗତ ରୋଗ କାରଣରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିବା ବେଳେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ଶ୍ରଦ୍ଧାଞ୍ଜଳୀ ଜଣାଇବା ପାଇଁ ଶିକ୍ଷାବିତ୍, ବିଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଡେରାବିଶ ବ୍ଲକ ଗୁଆଳସିଂସ୍ଥିତ ବାସଭବନରେ ପହଞ୍ଚି ଥିଲେ। ଏଥିସହ ବରିଷ୍ଠ ପ୍ରାଧାପକ ଦେବେନ୍ଦ୍ରନାଥ ଗୋଚ୍ଛାୟତଙ୍କ ଅଧକ୍ଷତାରେ ମହାବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ସାହୁଙ୍କ ମୃତଦେହ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି।

# ମହାକାଳପଡ଼ା: ଅପପୁଷ୍ଟିରେ ଶିକାର ୧୪୫ ଶିଶୁ ଚିହ୍ନଟ

**ମହାକାଳପଡ଼ା,୩୧(ଡି.ଏନ୍.ଏ.)**

ରାଜ୍ୟରେ ଗର୍ଭବତୀ ମହିଳା ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି। ତେବେ ପ୍ରତ୍ୟେକ କେନ୍ଦ୍ର ଅଧୀନରେ ଆସୁଥିବା ଶିଶୁ, ଗର୍ଭବତୀ ମହିଳା, ପ୍ରସୂତିମାନଙ୍କର ପୂର୍ଣ୍ଣାଙ୍ଗ ଶରୀରର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି। ଯେପରି କୌଣସି ଶିଶୁ ଭିଟାମିନ୍ ଅଭାବରୁ ଶାରୀରିକ ବିକାରର ଶିକାର ନ ହେବେ, ସେଥିପାଇଁ ସରକାର ପୁଷ୍ଟିକର ଖାଦ୍ୟ (ଶୁଖିଲା ଓ ରନ୍ଧାଖାଦ୍ୟ) ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଯୋଗାଇ ଦେଉଛନ୍ତି। ହେଲେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗା ଯାଉଥିବା ଛତୁଆ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଫଳରେ ଶିଶୁମାନେ କୁପୋଷଣ (ଅପପୁଷ୍ଟି)ର ଶିକାର ହୋଇଥିବା ସରକାରୀ ତଥ୍ୟ ସାମ୍ନାକୁ ଆସିଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ। ବ୍ଲକରେ ମୋଟ ୩୧ ପଞ୍ଚାୟତ ମଧ୍ୟରୁ ଭିଟାମିନ ଅଭାବରୁ ୨୩ଟି ପଞ୍ଚାୟତରେ ୧୪୫ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ତଥ୍ୟ ପ୍ରକାଶ ପାଇଛି।

ବ୍ଲକର ମୋଟ ୩୧୧ ଅଙ୍ଗନୱାଡ଼ି କେନ୍ଦ୍ରରେ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ୭୬୨୮ ଶିଶୁ, ୩ ବର୍ଷରୁ ୬ବର୍ଷ ପର୍ଯ୍ୟନ୍ତ ୭୬୧୭, ପ୍ରସୂତି ମହିଳା ସଂଖ୍ୟା ୧୨୯୪ ଓ ଗର୍ଭବତୀ ମହିଳା ସଂଖ୍ୟା ୧୫୯୪ ଚିହ୍ନଟ କରାଯାଇଛି ବୋଲି ଶିଶୁ ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବ୍ଲକର ୨୩ଟି ପଞ୍ଚାୟତରେ ଅପପୁଷ୍ଟିର ଶିକାର ହୋଇଥିବା ୧୪୫ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି ଛତୁଆ। ଛତୁଆରେ ଅମୂଲ, ତେଲ,

- ଶିଶୁଙ୍କ ପାଇଁ ପହଞ୍ଚିଲା ସ୍ୱତନ୍ତ୍ର ଛତୁଆ
- ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ


ବ୍ଲକ ଶିଶୁ ବିଭାଗ କାର୍ଯ୍ୟାଳୟରେ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଛତୁଆ ପହଞ୍ଚିଛି

ବୁଟ, ବାଦାମ, ଚିନି, ଗହମ ଆଦିକୁ ନେଇ ମିଶ୍ରଣ ପ୍ରସ୍ତୁତ କରାଯାଇଛି। ପ୍ରତି ଶିଶୁଙ୍କୁ ମାସିକ ୩ କିଲୋ ଛତୁଆ ଯୋଗାଯିବ ବୋଲି ଜଣାପଡିଛି। ଏହି ସ୍ୱତନ୍ତ୍ର ଛତୁଆ ବ୍ଲକ ଶିଶୁ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଛି। ଉକ୍ତ ଶିଶୁ ଖାଦ୍ୟ କେନ୍ଦ୍ରାପଡ଼ା ଜିଲାର ବାବା ଅଭିରାମ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ କରାଯାଇ ସମସ୍ତ ବ୍ଲକକୁ ଯୋଗାଇ ଦିଆଯାଇଛି ବୋଲି ସୂଚନା ମିଳିଛି। ତେବେ ବ୍ଲକର ୨୩ ପଞ୍ଚାୟତରେ ଅପପୁଷ୍ଟିରେ ଚିହ୍ନଟ ହୋଇଥିବା ଶିଶୁମାନଙ୍କ ମଧ୍ୟରେ ବଡିଘର ପଞ୍ଚାୟତରେ ୪ ଶିଶୁ, ଖରିନାସୀରେ ୭, ରାମନଗରରେ ୧୩, ବଉଳକଣି ୭, ପେଟଛେଲା ୩, ବରକନ୍ଧା ୮, ମଙ୍ଗଳପୁର ୫, ଜମ୍ବୁ ୧୨, ବାରଡାଙ୍ଗ ୧୨, ମହାକାଳପଡା ୫, ରାଜଗଡ଼ ୩, ବିଜୟନଗର ୮, ବଳିପାଳ ୧, ବଡିଡ଼ି ୮, କେବୀ ଦାଣ୍ଡୁଆ ୫, ସୁନିତି ୪, ଗୋଗୁଆ ୪, ଜୟଚନ୍ଦ୍ରପୁର ୭, ବଦକୁଳ ୯, ପାଟୁଲୀପଙ୍କ ୬, ଟିକରପଙ୍କା ୧୫, ଡିଖିରି ୪, ଅମେଇପାଳର ୨ଶିଶୁ କୁପୋଷଣର ଶିକାର ହୋଇଥିବା ଚିହ୍ନଟ ହୋଇଛି ବୋଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ) କବିତା ମଲ୍ଲିକ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶିଶୁମାନଙ୍କ ବିକାଶ ପାଇଁ ସରକାର ତହବିଲରୁ ଅର୍ଥ ଖର୍ଚ୍ଚ କରି ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଥିଲେ ମଧ୍ୟ କାହିଁକି ଅପପୁଷ୍ଟିର ଶିକାର ହେଉଛନ୍ତି। କେଉଁଠି ତ୍ରୁଟି ରହିଲା ବୋଲି ବିଭାଗ ପାଖରେ ଖବର ନାହିଁ, ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ଛତୁଆ ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହେଉଥିବା ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ସିଡିପିଓ ମଲ୍ଲିକଙ୍କୁ ପଚାରିବାରେ ପ୍ରତ୍ୟେକ କେନ୍ଦ୍ରରେ ଟିମ୍ ଗଠନ ସହ କ୍ଷେତ୍ର ପରିଦର୍ଶନ କରାଯିବ। ଚିହ୍ନଟ ହୋଇଥିବା ଭିଟାମିନ୍ ଅଭାବ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ (ଛତୁଆ) ଯୋଗାଇ ଦେବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୧୯ କୋଟି ବ୍ୟୟରେ ୫ ସ୍ଲୁଇସ, କଲଭର୍ଟ ନିର୍ମାଣ ହେବ ପଧାନପଡ଼ା ପଞ୍ଚାୟତ

**ରାଜକନିକା, ୩୧(ଡି.ଏନ.ଏ.)**

ରାଜକନିକା ବ୍ଲକର ପଧାନପଡା ପଞ୍ଚାୟତର ୧୯ କୋଟି ବ୍ୟୟ ଅଟ୍ଟକଳରେ ୫ଟି ସ୍ଲୁଇସ କମ କଲଭର୍ଟ ନିର୍ମାଣ ହେବ। ଏହା ସମ୍ପୂର୍ଣ୍ଣ ହେଲେ ବିଲକୁ ଯିବା ଆସିବା କରିବା ସହ ପଣସଗଣ୍ଡ, ବଡହଳପଡା, ସାନହଳପଡା, ପଧାନପଡା ଅଞ୍ଚଳର ଶତାଧିକ ଏକର ଜମି ଚାଷ ହୋଇପାରିବ ବୋଲି ଚାଷିମାନେ କହିଛନ୍ତି। ଉକ୍ତ ଜମିରେ ଏବେ ଚାଷ ହୋଇପାରୁନାହିଁ। ତେବେ ଚାଷୀମାନେ ବିଲକୁ ଯାଇ କଟଡା ଆଣିପାରିବେ। ମନ୍ତ୍ରୀ ପ୍ରତାପ ଦେବଙ୍କ ଉଦ୍ୟମ ଫଳରେ ଏହା ସମ୍ଭବ ହୋଇପାରିଛି। ତେଣୁ ପଧାନପଡା ସରପଞ୍ଚ ସନାତନ ମଲିକ , ସମିତିସଭ୍ୟ ଅଭୟ ଦାସ, କେନ୍ଦ୍ରାପଡ଼ା ଜିଲାପରିଷଦ ସଭ୍ୟା ପ୍ରବିଣା ଦାସ, ଶିବରାମ ଦାସ, ପୂର୍ବତନ ସରପଞ୍ଚ ଦେବଦତ୍ତ ଦାସ, ପ୍ରଶାନ୍ତ ନାୟକ ଏଥିପାଇଁ ମନ୍ତ୍ରୀ ଦେବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଧାନବିକ୍ରିକୁ ନେଇ ଚିନ୍ତାରେ ଚାଷୀ

**ପଟ୍ଟାମୁଣ୍ଡାଇ, ୩୧(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ଚାଷୀମାନେ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହୋଇ ନିରାଶ ହୋଇପଡିଲେଣି। ଚାଷୀଙ୍କୁ ଅଭାବୀ ଧାନ ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ଧାନ କିଣା ତ୍ୱରାନ୍ୱିତ ନ ହେବା ପଛରେ ମନ୍ଦ ଉଦ୍ଦେଶ୍ୟ ଲୁଚି ରହିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏଯାବତ୍ ୧୪ ମଣ୍ଡିରୁ ୨ଟି ମଣ୍ଡିରେ କଣ୍ଟାପୂଜା ହୋଇଛି। ଜାନୁୟାରୀ ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବ୍ଲକରେ ଖୋଲିନାହିଁ ସରକାରୀ ଧାନମଣ୍ଡି। ଧାନ ବିକ୍ରି କରିବାର ସୁଯୋଗ ଚାଷୀମାନେ ପାଇପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହୋଇ କମ୍ ଦରରେ ବେପାରୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଟାର୍ଗେଟ ଆସି ନ ଥିବାରୁ ସମବାୟ ସମିତି ସମ୍ପାଦକ ଧାନ କିଣୁନାହାନ୍ତି। ଏ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁ ୨୦୨୨-୨୩ରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ୧୪ଟି ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡିରେ ଧାନ କିଣା ହେବ ବୋଲି କୁହାଯାଇଛି। ଚାଷୀ ମଣ୍ଡିରେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ। ମଣ୍ଡିରେ ଏଫ୍‌ଏକ୍ୟୁ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୨୦୪୦ ଟଙ୍କା ରହିଛି। ତେବେ ଧାନମଣ୍ଡି ଖୋଲି ନ ଥିବାରୁ ଚାଷୀ ୧୨ଶହ ଟଙ୍କାରେ ଧାନ ବିକ୍ରି କରି ଚାଲିଛନ୍ତି। ପଟ୍ଟାମୁଣ୍ଡାଇରେ ଅଭାବୀ ଧାନ ବିକ୍ରି ହେଉଥିଲେ ମଧ୍ୟ ସରକାରୀସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଚାଷୀ ୮ଶହ ଟଙ୍କା କ୍ଷତି ସହୁଛନ୍ତି। ଧାନ ମଣ୍ଡି ଖୋଲି ନ ଥିବାବେଳେ ଧାନ ବିକ୍ରି କରିବାକୁ ଚାଷୀଙ୍କ ମୋବାଇଲକୁ ମେସେଜ ମଧ୍ୟ ଆସୁନି। କେତେଜଣ ହାତଗଣତି ଚାଷୀଙ୍କୁ ମେସେଜ ଆସିଛି। ଧାନ ବିକ୍ରି କରିବାକୁ ଚାଷୀ ବ୍ୟଗ୍ର ଥିବାବେଳେ ପ୍ରଶାସନ ପକ୍ଷରୁ ଜାଣିଶୁଣି ବିଳମ୍ବ କରାଯାଉଛି। ଏ ନେଇ ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ, କୃଷକ ନେତା ବିଜୟ ଦାସ, ସୁରେନ୍ଦ୍ର ପରିଡା ପ୍ରମୁଖ କୁହନ୍ତି, ଚାଷୀ ଅଭାବୀ ଧାନ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ ଫନ୍ଦିଫିକର କରାଯାଇଛି। ନାମକୁ ମାତ୍ର ୨ଟି ଧାନମଣ୍ଡିର ଉଦ୍‌ଘାଟନ କରି ସବୁ କିଛି ଠିକ୍‌ଠାକ୍ ଚାଲିଛି ବୋଲି କୁହାଯାଉଛି। ଅଦିନିଆ ବର୍ଷାକୁ ଆଖିଆଗରେ ରଖି ୯୦ ପ୍ରତିଶତ ଅଞ୍ଚଳରେ ଚାଷୀ ଯୁଦ୍ଧକାଳୀନ ଭିତ୍ତିରେ ଧାନ ଅମଳ କରିଛନ୍ତି। ଅନେକ ଚାଷୀ ଆବଶ୍ୟକ ଧାନ ଗଚ୍ଛିତ ରଖି ଧାନକୁ ବ୍ୟବସାୟୀଙ୍କୁ ବିକ୍ରି କରି ସାରିଲେଣି। ମିଲର ଚାଷୀର ଧାନକୁ କମ୍ ଦରରେ କିଣି ଜାଲିଆତି କରାଯାଇଥିବା ନକଲି ଚାଷୀଙ୍କ ନାଁରେ ଧାନ ବିକ୍ରି କରିବ ବୋଲି କହିଛନ୍ତି। ଏହାର ପ୍ରତିବାଦରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବ୍ଲକ କଂଗ୍ରେସ ସଭାପତି ଦାସ ଚେତାଇ ଦେଇଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତଙ୍କୁ ପଚାରିବାରେ ଏପର୍ଯ୍ୟନ୍ତ ଟାର୍ଗେଟ ଆସିନାହିଁ, ଦିନେ କି ଦୁଇଦିନ ଭିତରେ ଟାର୍ଗେଟ ଆସିଯିବ। ଧାନ କିଣା ପାଇଁ ଚାଷୀଙ୍କ ପାଖକୁ ପ୍ରଥମ ପର୍ଯ୍ୟାୟ ମେସେଜ ଆସିଛି। ପର୍ଯ୍ୟାୟକ୍ରମେ ଚାଷୀଙ୍କ ପାଖକୁ ଆସିବ। ଚଳିତବର୍ଷ ଧାନ କିଣା ଠିକ୍‌ରେ ହେବ ବୋଲି ସେ କହିଛନ୍ତି।


ବଡମୂଳବସନ୍ତ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଚାଷୀମାନେ।

**୧୪ରୁ ୨ଟି ମଣ୍ଡିରେ କଣ୍ଟାପୂଜା**

## ହରିଣ ଶିକାର ପାଇଁ ଧାନବିଲରେ ବିଦ୍ୟୁତ୍ ଫାଶ: ୨ ଶିକାରୀ ଗିରଫ

**ରାଜନଗର, ୩୧(ଡି.ଏନ.ଏ.)**

ପାଚିଲା ଧାନ ଖାଇବା ପାଇଁ ବାରହା, ହରିଣ ଏବେ ଜନବସତିକୁ ପଶି ଆସୁଛନ୍ତି। ଏହାର ସୁଯୋଗ ନେଇ କେତେଜଣ ଶିକାରୀ ସେମାନଙ୍କୁ ଶିକାର କରିବା ପାଇଁ ଜଙ୍ଗଲ ଓ ଜନବସତି ମଧ୍ୟରେ ଥିବା ଧାନ ବିଲରେ ବିଦ୍ୟୁତ୍ ଫାଶ ବସାଉଛନ୍ତି। ଧାନ ବିଲରେ ବାରହା, ହରିଣ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍‌ଫାଶରେ ଜମି ମାଲିକ କାର୍ତ୍ତିକ ସାହୁ (୩୫) ପଡି ଗୁରୁତର ହୋଇଥିଲେ। ଏହି ଘଟଣା ମାସେ ତଳେ ରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏଥିରେ ସମ୍ପୃକ୍ତ ଶିକାରୀ ସେତେବେଳେ ଫେରାର ହୋଇଯାଇଥିଲେ। ମାତ୍ର ମଙ୍ଗଳବାର ହରିଣ ଶିକାର ପାଇଁ ବିଦ୍ୟୁତ୍ ସଂଯୋଗ ହୋଇଥିବା ତାର ଓ ଫାଶ ବସାଇଥିବା ବେଳେ ଖବରପାଇ ବନ ବିଭାଗ କର୍ମଚାରୀମାନେ ୨ଜଣ ଶିକାରୀଙ୍କୁ ମାଡି ବସିବା ସହ ଗିରଫ କରିଛି। ସେମାନେ ହେଲେ ବାସୁ ସାନ୍ତରା, ଦିନେଶ ସାନ୍ତରା। କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ସୁନିଲ ରଞ୍ଜନ ରାଉତରାୟ, ସୁସ୍ମିତା ସେଠୀ ଓ ବନ କର୍ମଚାରୀମାନେ ଥାନପତି ଫରେଷ୍ଟ ବ୍ଲକ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଅପରାହ୍ନ ୩ଟାରେ ରାଜେନ୍ଦ୍ରନାରାୟଣପୁର ଗାଁ ନିକଟରେ ହରିଣ ଶିକାର ପାଇଁ ସେହି ଗାଁର ବାସୁଦେବ ସାଆନ୍ତରା ଓ ଦିନେଶ ସାଆନ୍ତରା ବିଦ୍ୟୁତ୍ ସଂଯୋଗ କରି ଧାନ ବିଲରେ ତାର ସହ ଫାଶ ମଧ୍ୟ ବିଛାଇ ଥିଲେ। ଖବରପାଇ ବନ କର୍ମଚାରୀ ସେଠାରେ ପହଞ୍ଚି ୨ ଶିକାରୀଙ୍କୁ ଗିରଫ କରିବା ସହ ହରିଣ ଶିକାର ପାଇଁ ବିଛା ଯାଇଥିବା ୨ଶହ ମିଟର ବିଦ୍ୟୁତ୍ କପର ତାର ଏବଂ ୧୦ଟି ଫାଶ ଜବତ କରିଛନ୍ତି। ସେମାନଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ୯, ୨୭, ୨୯ ଓ ୩୫ (୬) (୮)ରେ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ମାସେ ତଳେ ରାଜେନ୍ଦ୍ରନାରାୟଣପୁର ଗାଁର ବାସୁ ସାନ୍ତରା, ସତ୍ୟଜିତ ଦଳପତି, ଦିନେଶ ସାନ୍ତରା, ଶିବେନ୍ଦୁ ମଣ୍ଡଳ ପ୍ରମୁଖ ଧାନ ବିଲକୁ ଆସୁଥିବା ବାରହା, ହରିଣ ଶିକାର କରିବାକୁ ଧାନ ବିଲରେ ବିଦ୍ୟୁତ୍ ଫାଶ ବସାଇଥିଲେ। ପ୍ରାୟ ୫ ଶହ ମିଟର ଧରି ଜିଆଇ ତାରରେ ବିଦ୍ୟୁତ୍ ଚାର୍ଜ କରି ଜମିରେ ବିଛାଇ ଥିଲେ। ରାତିରେ ସେହି ଗାଁର କାର୍ତ୍ତିକ ଜମିରେ ଫସଲ ଦେଖିବାକୁ ଉଠିଥିଲେ। ଜମିରେ ଯିବା ଭିତରେ ତାକୁ ବିଦ୍ୟୁତ୍ ଚାର୍ଜ ଥିବା ଜିଆଇ ତାରରେ ଗୁଡାଇ ହୋଇ ପଡିଯାଇଥିଲେ। କାର୍ତ୍ତିକଙ୍କୁ ଗୁରୁତର ଅବସ୍ଥାରେ ସେହିଦିନ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶିକାରୀମାନେ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ରାଜନଗରରୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକକୁ ସ୍ଥାନାନ୍ତର କରାଯାଇଥିଲା। କାର୍ତ୍ତିକ ୫ଦିନ ଧରି କଟକ ବଡ ମେଡିକାଲରେ ଚିକିତ୍ସିତ ହେବା ପରେ ଘରକୁ ଫେରି ବନ ବିଭାଗ ଆଗରେ ଘଟଣା ସମ୍ପର୍କରେ କହିଥିଲେ। ସେହିଦିନଠାରୁ ଶିକାରୀଙ୍କୁ ଧରିବାକୁ ବନ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲା।


ଗିରଫ ୨ ଶିକାରୀ।

## ପଟ୍ଟାମୁଣ୍ଡାଇ ବ୍ଲକରେ କୃଷିରଥ ପରିକ୍ରମା

**ପଟ୍ଟାମୁଣ୍ଡାଇ,୩୧(ସ୍ୱ.ପ୍ର.)**

କୃଷି ଓ କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାର କାଳିଆ, ବଳିଆ ଯୋଜନା ପ୍ରଣୟନ କରିଛନ୍ତି। ସରକାରଙ୍କ କୃଷି ଯୋଜନା ସମ୍ପର୍କରେ ପ୍ରଚାର ପ୍ରସାର ପାଇଁ ମଙ୍ଗଳବାର କୃଷି ରଥ ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ , ସିଡିଏଓ ହିମାଂଶୁ ଶେଖର ମିଶ୍ର, ପଟ୍ଟାମୁଣ୍ଡାଇ ବିଡିଓ ଭରତ ପରିଡା, ବ୍ଲକ ଆତ୍ମା ଅଧକ୍ଷ ନଗେନ ବାରିକ, ଆରସିଏମ୍‌ଏସ୍ ସଭାପତି କିଶୋର ଜେନା, ବିଏସି ସୁଚେତା ପାତ୍ର, ବିଟିଏମ୍ ନବ କିଶୋର ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ରଥ ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଣ୍ଡୁନାଥ ସୋରେନ, ଜଗେନ କୁମାର ଦାଶ, ପର୍ଶୁରାମ ମଲିକ, ସ୍ମିତା ପାତ୍ର, ମିନତିପ୍ରଭା ସାହୁ, ଶୁଭଦର୍ଶନୀ ରାଉଳ, ଦୀପକ ସାମଲ, ସତ୍ୟରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ୪ ଦିନ ବ୍ୟାପି ଏହି କୃଷି ରଥ ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।


ଅତିଥିମାନେ କୃଷି ରଥକୁ ଉଦ୍‌ଘାଟନ କରୁଛନ୍ତି।

### ହକରଙ୍କ ମାତୃ ବିୟୋଗ

**ରାଜନଗର, ୩୧(ଡି.ଏନ.ଏ.)**

ରାଜନଗର ଗାଁର ରୁକ୍ମଣୀ ମଲିକଙ୍କର ଗତକାଲି ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପ୍ରାଣ ମହିଳା ଥିଲେ। ତାଙ୍କ ମୃତ୍ୟୁରେ ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡପୁଅ ଶଶଧର ମଲିକ, ସାନପୁଅ ତଥା ଖବର କାଗଜ ବିତରକ ଅଶୋକ କୁମାର ମଲିକ, ଝିଅ କାଦମ୍ବିନୀ ମଲିକଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି।

## ପଲେଇ, ଏଣ୍ଡର, ଦାନପୁର ସମିତିରେ ଖୋଲିଲା ଧାନମଣ୍ଡି

**ଡେରାବିଶ,୩୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ପଲେଇ ପ୍ରାଥମିକ କୃଷି ସମବାୟ ସମିତି, ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତି ଓ ଦାନପୁର ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ପଲେଇରେ ଖୋଲା ଯାଇଥିବା ଧାନମଣ୍ଡିକୁ ଡେରାବିଶ ବିଡିଓ ନମିତା ବାରିକ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ରମାକାନ୍ତ ପରିଡ଼ା, ଉପସଭାନେତ୍ରୀ ବିଦ୍ୟୁତଲତା ପଣ୍ଡା, ସରପଞ୍ଚ ଅକ୍ଷୟ କୁମାର ସାହୁ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ନନ୍ଦଙ୍କ ସମେତ ସମସ୍ତ ପରିଚାଳନା କମିଟିର ସଦସ୍ୟାସଦସ୍ୟ ଓ ଚାଷୀ ଉପସ୍ଥିତ ଥିଲେ। ସେହିପରି ଏଣ୍ଡରଠାରେ ଖୋଲା ଯାଇଥିବା ମଣ୍ଡିକୁ ପରିଚାଳନା କମିଟିର ସଭାପତି ଶ୍ୟାମଳେନ୍ଦୁ ନାୟକ ଶୁଭାରମ୍ଭ କରିଥିବା ବେଳେ ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ସମବାୟ ସମିତି ଉପସଭାନେତ୍ରୀ ସନ୍ଧ୍ୟାରାଣୀ ରାଉତଙ୍କ ସମେତ ସମସ୍ତ ପରିଚାଳନା କମିଟିର ସଦସ୍ୟ, ଅଗ୍ରଣୀ ଚାଷୀ ରାଜେନ୍ଦ୍ର କୁମାର ରାଉତ ଓ ଗଗନ କୁମାର ଧଳଙ୍କ ସମେତ ବହୁଚାଷୀ ଉପସ୍ଥିତ ଥିଲେ। ତେବେ ପଲେଇ ଓ ଏଣ୍ଡର ସମବାୟ ସମିତି ଦାୟିତ୍ୱରେ ଥିବା ସମ୍ପାଦକ ମନୋରଞ୍ଜନ ଦାସ ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ୨୦୪୦ ଧାର୍ଯ୍ୟ କରାଯାଇଥିବା କହିଥିଲେ। ଏହାକୁ ଏଣ୍ଡର ସମିତିର ସହସମ୍ପାଦକ ମନୋରଞ୍ଜନ ସାହୁ ପରିଚାଳନା କରିଥିଲେ। ଅପରପକ୍ଷରେ ଦାନପୁର ସମବାୟ ସମିତିରେ ଖୋଲାଯାଇଥିବା ମଣ୍ଡିକୁ ସଭାପତି ପର୍ଶୁରାମ ମଲ୍ଲ ଶୁଭାରମ୍ଭ କରିଥିଲେ। ସମ୍ପାଦକ ସୁବ୍ରତ କୁମାର ନାୟକଙ୍କ ସମେତ ସମସ୍ତ ପରିଚାଳନା କମିଟିର ନିର୍ଦ୍ଦେଶକ ଓ ଚାଷୀମାନେ ଉପସ୍ଥିତ ଥିଲେ।


ଡେରାବିଶ ଏକ ଧାନମଣ୍ଡିଙ୍କୁ ଅତିଥିମାନେ ଉଦ୍‌ଘାଟନ କରୁନ୍ତି।

# କେନ୍ଦ୍ରାପଡ଼ା ସହରରେ ବଢ଼ୁଛି ଜବରଦଖଲ

**କେନ୍ଦ୍ରାପଡ଼ା ଅଫିସ, ୩୧**

କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଘୋଷଣାକୁ ଇତିମଧ୍ୟରେ ୧୫୪ ବର୍ଷ ପୂରିଛି। ତେବେ ଏହି ସର୍ବପୁରାତନ ମ୍ୟୁନିସିପାଲିଟି ବିବିଧ ସମସ୍ୟାରେ ବୁଡି ରହିଛି। ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଠିକ୍ ଧରଣର ଚାଲୁନାହିଁ। ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପୁରାଣ ପ୍ରସିଦ୍ଧ ପୋଖରୀ ଓ ନାଳ ଅଳିଆ ଆବର୍ଜନାରେ ଭରି ରହିଛି। ଏଥିଯୋଗୁ ବର୍ଷ ସାରା ମଶାଙ୍କ ବାସସ୍ଥଳୀ ପାଲଟିଛି। ଏହି ପୁରାତନ ସହରର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ସହରବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ଅମରବର ବିଶ୍ୱାଳ କହିଛନ୍ତି, ଏହି ସହର ସମେତ ଆଖପାଖ ଅଞ୍ଚଳରେ ପୂର୍ବରୁ ନୌପରିବହନ ହେଉଥିଲା। ସେହିପରି ଏହା ଅଧୀନରେ ଥିବା ୨୧ଟି ୱାର୍ଡରେ ଗୋଟିଏ, ୨ଟି ପୋଖରୀ ଅଛି। ପ୍ରାୟ ୨୦ଟି ପୁରାଣ ପ୍ରସିଦ୍ଧ ପୋଖରୀ, ନିକଟସ୍ଥ ଗୋବରୀ ନଦୀ ଓ କେନାଲ ଏବେ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି। ନାଳ ଓ ପୋଖରୀଗୁଡିକ ଆବର୍ଜନାରେ ଭର୍ତ୍ତି ହୋଇଛି। ଫଳରେ ମଶା ମାଛିଙ୍କ ଉପଦ୍ରବ ସହ ପରିବେଶ ପ୍ରଦୂଷିତ ହେଉଛି। କେନ୍ଦ୍ର, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଏହି ପୋଖରୀ ଓ ନାଳର ପୁନରୁଦ୍ଧାର ହୋଇପାରନ୍ତା। ତେବେ ସ୍ଥାନୀୟ ନେତୃତ୍ୱର ଅଭାବ ସହ ପ୍ରଶାସକଙ୍କର ଏଥିପ୍ରତି ଦୃଷ୍ଟି ପଡୁନାହିଁ। କ୍ଷୀତିଶ କୁମାର ସିଂହ କହିଛନ୍ତି ଯେ, ଜଳ ନିଷ୍କାସନ ସମସ୍ୟା ପାଇଁ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ମହିପାଳ, ବର୍ଣ୍ଣିଆମାଳ, ନୂଆ ବସ୍‌ଷ୍ଟାଣ୍ଡ ଆଦି ପୋଖରୀଗୁଡିକ ପୌରପାଳିକା ଅଧୀନରେ ଥିଲେ ମଧ୍ୟ ସଫା ହୋଇପାରୁନାହିଁ। ଏପରି କି ପୌରପାଳିକା କାର୍ଯ୍ୟାଳୟ ପରିସରରେ ଥିବା ପୋଖରୀର ଅବସ୍ଥା ଭଲ ନାହିଁ। ସହର ମଧ୍ୟରେ ଟ୍ରାଫିକ୍ ବ୍ୟବସ୍ଥା ଅସମ୍ଭାଳ ହୋଇଛି। ସୁଚିନ୍ତିତ ଯୋଜନା ନ ଥିବାରୁ ରାସ୍ତାଗୁଡିକ ସଂକୁଚିତ ହୋଇରହିଛି। ଉଚ୍ଛେଦକୁ ସ୍ଥାନୀୟ ଲୋକ ମାନୁ ନ ଥିବାରୁ ଜବରଦଖଲ ସମସ୍ୟା ବଢ଼ିଛି । ଗୋବରୀ ନଦୀ ପଠା ଓ ଗୋବରୀ କେନାଲର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ ମାଲିକାନାରେ ଅଛି। କେଉଁ ପରିସ୍ଥିତିରେ ଏହି ଜବରଦଖଲକାରୀଙ୍କୁ ଜମି ଦଖଲ ପାଇଁ ମଞ୍ଜୁରୀ ମିଳିଛି ବୋଲି ପ୍ରଶ୍ନ କଲେ ଏହାର ଉତ୍ତର ପ୍ରଶାସକ ଦେଇ ପାରୁନାହାନ୍ତି। ରାସ୍ତା ସମ୍ପ୍ରସାରଣ ସମୟରେ ବିଦ୍ୟୁତ୍ ଖୁଣ୍ଟ ଉଠା ଯାଉ ନ ଥିବାରୁ ଯାତାୟାତ ସମୟରେ ଗାଡିମୋଟର ଅଟକି ରହୁଛି। ସେହିପରି ସହର ପାଇଁ ଦ୍ୱିତୀୟ ବାଇପାସ ରୋଡ ନିର୍ମାଣ କାର୍ଯ୍ୟ ବହୁଦିନରୁ ଅଟକି ରହିଛି। ସେକ୍ ସାବିର କହିଛନ୍ତି, ରାଜ୍ୟର ଏହି ସର୍ବପୁରାତନ ସହରର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଅନୁଦାନ ଯୋଗାଇ ଦେବା କଥା। ଏକା ଦିନରେ କେନ୍ଦ୍ରାପଡ଼ା ସହ ଯାଜପୁର ମ୍ୟୁନିସିପାଲିଟିରେ ଘୋଷଣା ହୋଇଥିଲା। ଯାଜପୁର ସହରର ଉନ୍ନୟନ କାର୍ଯ୍ୟ ସମ୍ମୁଖରେ କେନ୍ଦ୍ରାପଡ଼ା ପୌରାଞ୍ଚଳ ବହୁ ପଛରେ ପଡିଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ କହିଛନ୍ତି ଯେ, ବିଗତ କିଛିବର୍ଷ ମଧ୍ୟରେ ସହରର ରୂପରେଖ ବଦଳିଛି। ଆଲୋକୀକରଣ, ରାସ୍ତାଘାଟର ଉନ୍ନତି ସହ ପାର୍କ ଆଦି ସ୍ଥାପନ ହୋଇଛି। ଏହାବ୍ୟତୀତ ପ୍ରତି ୱାର୍ଡ ମଧ୍ୟରେ ଥିବା ସ୍ଥାନୀୟ ସମସ୍ୟାଗୁଡିକ ବିଧାୟକ, ପୌରାଧକ୍ଷାଙ୍କ ସହ ପୌର ପ୍ରଶାସନ ଅନୁଧ୍ୟାନ କରୁଛି। ଏହି ସହରକୁ ରାଜ୍ୟର ଉନ୍ନତ ସହର ମଧ୍ୟରେ ରଖିବାକୁ ପ୍ରକ୍ରିୟା ଜାରି ରହିଛି।


କେନ୍ଦ୍ରାପଡ଼ା ପୌର କାର୍ଯ୍ୟାଳୟ ପାଖରେ ଥିବା ଦଳ ପୋଖରୀ।

- ପୋତି ହେଉଛି ୨୦ରୁ ଉର୍ଦ୍ଧ୍ୱ ପୁରାଣ ପ୍ରସିଦ୍ଧ ପୋଖରୀ
- ବିଦ୍ୟୁତ୍ ଖୁଣ୍ଟ କରୁଛି ରାସ୍ତା ସଂକୋଚନ
- ବ୍ୟକ୍ତିଗତ ମାଲିକାନାକୁ ଚାଲି ଗଲାଣି ଗୋବରୀ ନଦୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଜାନୁୟାରୀ, ୨୦୨୩



# ଚାଷୀଙ୍କୁ ଅଖାବସ୍ତା ଦେଉନି ମିଲର

■ଧାନର ମାନ ୨ଥର କରାଯାଉଛି ପରୀକ୍ଷଣ

■ସମୟ ଗଡୁଛି, ଅବ୍ୟବସ୍ଥା ବଢୁଛି

ନୟାଗଡ଼ ଅଫିସ,୩।୧: ନୟାଗଡ଼ ଜିଲାରେ ଧାନ କିଣା ୧୨ ଦିନରେ ପହଞ୍ଚିଛି । ତେବେ ଜିଲାର ୧୬୭ ମଣ୍ଡିରୁ ୧୨ଦିନରେ ମାତ୍ର ୧୨ଟି ଖୋଲିଛି। ଧାନମଣ୍ଡି ଖୋଲିବାର ଢାଞ୍ଚାକୁ ଅନୁଧ୍ୟାନ କଲେ ଧାନକିଣାର ୯୦ ଦିନ ଭିତରେ ସମସ୍ତ ମଣ୍ଡି ଖୋଲିଲା ପରି ଲାଗୁ ନାହିଁ । ପ୍ରଶାସନ ଧାନ ମଣ୍ଡି ଖୋଲିବାରେ ସମୟ ଗଡାଇ ଚାଲିଥିବାବେଳେ ସେପଟେ ମଣ୍ଡି ଖୋଲିଥିଲେ ମଧ୍ୟ ମିଲର ଧାନ କିଣାକୁ ବିଳମ୍ବ କରି ଚାଲିଛନ୍ତି। ଚାଷୀକୁ ଅଖା ଯୋଗାଡ ନ ଥିବାରୁ ଧାନ କିଣାରେ ବିଳମ୍ବ ଘଟୁଛି ବୋଲି ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଚାଷୀର ଧାନ ମଣ୍ଡିରେ ଥରେ ପରୀକ୍ଷଣ ହେବାକୁ ସରକାରୀ ନିୟମ ଥିବାବେଳେ ୨ଥର ପରୀକ୍ଷଣ କରାଯାଉଛି । ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଧାନକିଣାର ସମୟ ଗଡି ଚାଲିଥିବାବେଳେ ମଣ୍ଡିରେ ଅବ୍ୟବସ୍ଥା ବଢ଼ି ଚାଲିଛି । ଫଳରେ ଚାଷୀ ଅପଦସ୍ତ ହୋଇ ମଣ୍ଡିରୁ ମୁହଁ ଫେରାଇ ନେବାକୁ ଆରମ୍ଭ କରିଛି। ଚଳିତ ବର୍ଷ ଧାନ କିଣା ବିଳମ୍ବ ହୋଇ ଚାଲିଛି । ଧାନ କିଣାରେ ବିଳମ୍ବ ହେଉଥିବା ପ୍ରଶାସନ ସ୍ୱୀକାର କରୁଥିଲେ ହେଁ ଏଥିରେ ସୁଧାର ଆଣିବାକୁ କରାଯାଉଥିବା ପ୍ରୟାସ ସଫଳ ହେଉ ନାହିଁ । ତ୍ରୁଟି କେଉଁଠି ରହୁଛି, କ'ଣ କରାଗଲେ ଚାଷୀ ଅସୁବିଧାର ସମ୍ମୁଖୀନ ହେବନି ସେନେଇ ସମୀକ୍ଷା ଠିକ୍ ହେଉ ନାହିଁ । ପ୍ରଥମତଃ ମଣ୍ଡି ଖୋଲିବାରେ ପ୍ରଶାସନ ବିଫଳ ହୋଇଛି । ଯେଉଁଠାରେ ମଣ୍ଡି ଖୋଲିଛି ସେଠାକୁ ଚାଷୀ ଧାନ ଆଣିବାକୁ ଭୟ କରୁଛି । ମିଲର ଅଖା ବସ୍ତା ଦେବାର ନିୟମ କରିଥିଲେ ହେଁ ମିଳୁନାହିଁ । କେତେଜଣ ଚାଷୀ ନିଜସ୍ୱ ଖର୍ଚ୍ଚରେ ଅଖା କିଣି ଧାନ ଆଣି ମିଲରଙ୍କୁ ଦେଉଛନ୍ତି । ତେବେ ମିଲର ଆଉ ଅଖା ବସ୍ତା ଫେରାଉ ନାହାନ୍ତି । ସେପଟେ ଚାଷୀର ବସ୍ତା ମାଗଣାରେ ନେଇ ମିଲର ବିଲ୍ କରିବାକୁ ଯୋଜନା କରିଛି । ମଣ୍ଡିରେ ଧାନ ପହଞ୍ଚିବା ପରେ ମାନର ପରୀକ୍ଷଣ ବ୍ୟବସ୍ଥା ଅଛି। ଚାଷୀର ଉପସ୍ଥିତିରେ ଆରଏମସି କର୍ମଚାରୀ ଓ ମିଲର ଧାନର ମାନ ପରୀକ୍ଷଣ କରିବାକୁ ନିୟମ ଅଛି । ଆରଏମ୍ସି କର୍ମଚାରୀ ମାନ ପରୀକ୍ଷଣ କଲାବେଳେ ମିଲର ଉପସ୍ଥିତ ରହୁନ୍ତି । ମାନ ପରୀକ୍ଷଣ ପରେ ମିଲର କର୍ମଚାରୀମାନେ ପହଞ୍ଚି ଭଲ ଧାନ ଗୁହେଁ ନାଟକ ରଚି କଟ୍ନୀ ଛଟ୍ନୀକୁ ଗୁରୁତ୍ୱ ଦେଉଛନ୍ତି । କଟ୍ନୀ ଛଟ୍ନୀ କରି ଚାଷୀଙ୍କୁ ଲୁଟିବା ମିଲରର ଏକ ପୁରୁଣା ଅଭ୍ୟାସ । ଏଣୁ କଟ୍ନୀ ଛଟ୍ନୀ ନ ହେଲେ ଧାନ ଉଠିବ ନାହିଁ ବୋଲି ରୋକ୍ଠୋକ୍ ମନା କରୁଛି । ସେପଟେ କଟ୍ନୀଛଟ୍ନୀକୁ ଚଳିତ ବର୍ଷ ଚାଷୀ ବିରୋଧ କରି ଜିଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରି ସାରିଲେଣି। ସବୁ ସତ୍ତ୍ୱେ ଚାଷୀର ଦୁଃଖ ଦୂର ହେଉନି । ଏନେଇ ଏଆରସିଏସ ହାଡିବନ୍ଧୁ ମହାକୁଡ଼ କୁହନ୍ତି, ଆମ କାର୍ଯ୍ୟାଳୟ ପକ୍ଷରୁ ମଣ୍ଡି ଖୋଲିବାକୁ ପ୍ରାଧାନ୍ୟ ଦିଆ ଯାଇଛି । ହେଲେ ମଣ୍ଡି ଖୋଲିବାକୁ ନାନା ପ୍ରକାରର ସମସ୍ୟା ହେଉଥିବାରୁ ଏହାର ସଂଖ୍ୟା ବଢ଼ି ପାରୁନି । ସେପଟେ ଧାନ ପରୀକ୍ଷଣ, କଟ୍ନୀଛଟ୍ନୀନେଇ ପୁଣିସମସ୍ୟା ଦେଖା ଦେଇଛି । ଏହାର ପ୍ରତିକାର ପାଇଁ ପ୍ରଚେଷ୍ଟା ଜାରି ରହିଛି ।

**ଗ୍ରାଉଣ୍ଡ ଜିରୋରେ କଂଗ୍ରେସ ଟିମ୍:** ଧାନକିଣାରେ ବିଳମ୍ବକୁ ଦେଖି ଜିଲା କଂଗ୍ରେସର ଏକ ଦଳ ମଙ୍ଗଳବାର ଓଡ଼ଗାଁ ବ୍ଲକର ଓଡ଼ଗାଁ, ପାଣ୍ଡେରୀପଡା, ଗୋଡିସାହି ପ୍ୟାକ୍ସକୁ ଯାଇ ଧାନକିଣାର ବିଳମ୍ବକୁ ଅନୁଧ୍ୟାନ କରିଛନ୍ତି । ଜିଲା ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ ଦଳ ବିଭିନ୍ନ ମଣ୍ଡି ବୁଲିଛି । ଏନେଇ ଦାଶ କୁହନ୍ତି, ମଣ୍ଡି ବୁଲିବା ପରେ ଜଣାପଡିଛି ପ୍ୟାକ୍ସ ସମ୍ପାଦକ ଓ ମିଲରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ହୋଇଛି । ଗତ ବର୍ଷ ବାତ୍ୟା ଓ ବର୍ଷା ଯୋଗୁ ଧାନର ମାନ ଭଲ ନ ଥିବାରୁ ଚାଷୀ ନିଜ ଧାନ ମନଇଚ୍ଛା କାଟିନେଇଥିଲେ । ଚଳିତ ବର୍ଷ ଧାନ ଭଲ ହୋଇଥିବାବେଳେ ମଣ୍ଡି ବିଳମ୍ବରେ ଖୋଲିଥିବାରୁ ଧାନ ଶୁଖିଗଲାଣି । ଏଣୁ ବିଭିନ୍ନ ମଣ୍ଡିକୁ ଭଲ ଧାନ ଆସୁଥିଲେ ମଧ୍ୟ ଖରାପ ଧାନ କହି କଟ୍ନୀଛଟ୍ନୀ ଲାଗୁ କରାଯିବା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ଅନ୍ୟପକ୍ଷେ ଟୋକନ ଅବଧି ଶେଷ ହୋଇଗଲେ ଆଉ ଧାନ କିଣା ହେବନି ବୋଲି ସମ୍ପାଦକ ଓ ମିଲର ଭୟ ଦେଖାଉଥିବା ମଧ୍ୟ ଜଣାପଡିଛି। ପୁଣି ଅଖାବସ୍ତା ଓ ସୁତୁଲି ଚାଷୀଙ୍କୁ ମିଲର ଦେଉ ନ ଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରି ଚାଲିଛି ।


ମଣ୍ଡିରେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି କଂଗ୍ରେସ ନେତା ।

## ସଂକ୍ଷେପରେ

### ପାରିବାରିକ କଳହକୁ ନେଇ ଗଣ୍ଡଗୋଳ

ବୁଗୁଡା,୩।୧(ଡି.ଏନ.ଏ.)-ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ମୋଚିସାହିରେ ପାରିବାରିକ କଳହକୁ କେନ୍ଦ୍ରକରି ଭାଇବୋହୂ ରଶ୍ମିତା ବେହେରା ଦେଢ଼ଶୁର କାମ ବେହେରାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏ ନେଇ ବୁଗୁଡା ଥାନାରେ କେଶ୍ ନଂ ୧/୨୩ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ପ୍ରକାଶ ଯେ, ନୂଆବର୍ଷର ପ୍ରଥମ ଦିନରେ କାମ ଓ ତାଙ୍କର ସାନ ଭାଇ ଲିଟୁଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏହି ଅବସରରେ ଲିଟୁଙ୍କ ପତ୍ନୀ ରଶ୍ମିତାଙ୍କୁ କାମ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଥାନାରେ ରଶ୍ମିତା ଅଭିଯୋଗ କରିଥିଲେ।

### ବାଇକ୍ ଚୋରି, ଥାନାରେ ଏତଲା

ଦିଗପହଣ୍ଡି,୩।୧(ଡି.ଏନ.ଏ.)-ଦିଗପହଣ୍ଡି ଥାନା ମହୁଡ଼ା ବିକାଶପୁର ଗ୍ରାମରୁ ଏକ ବାଇକ୍ (ଓଆର୦୭ ଏସ ୪୮୨୫)କୁ କେହି ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଗୋଳନ୍ଥରା ଥାନା ବିଶ୍ୱନାଥପୁର ଗ୍ରାମର ଭଗବାନ ନାୟକ ବିକାଶପୁର ଗ୍ରାମରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ବାଇକଟିକୁ ଚୋରି କରି ନେଇଛି। ଏନେଇ ଭଗବାନ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ନଂ.୨/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଚମ୍ପେଇତପୁରରେ ଶ୍ରେଣୀଗୃହ ଉଦ୍ଘାଟିତ

କବିସୂର୍ଯ୍ୟନଗର,୩।୧(ଡି.ଏନ.ଏ.)-ବୁଡ଼ାମ୍ବ ପଞ୍ଚାୟତ ମୁକ୍ତାମାଳା ଚମ୍ପେଇତପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀଗୃହ ବିଧାୟିକା ଲତିକା ପ୍ରଧାନଙ୍କ ଦ୍ୱାରା ଉଦ୍ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ବିଡ଼ିଓ ତନ୍ମୟ ପାତ୍ର, ଜିଲା ପରିଷଦ ସନ୍ତୋଷ କୁମାର ପାଢ଼ୀ, ସରପଞ୍ଚ ସୁଜିତା ପଣ୍ଡା, ସମିତିସଭ୍ୟା ମମତା ପ୍ରଧାନ ଓ ପ୍ରତିନିଧି ଚନ୍ଦ୍ରଶେଖର ପ୍ରଧାନ, ନାଏବ ସରପଞ୍ଚ କାଳୁଚରଣ ଚାନ୍ଦ, ପ୍ରଧାନଶିକ୍ଷକ କ୍ଷୀରଦଅଲ୍ଲୀ ଖାନ, ଆଠଗଡ଼ ପ୍ରାକ୍ତନ ସରପଞ୍ଚ ସୁନୀଲ କୁମାର ପୋଲାଇ ଓ ବୁଡ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପେସାଦାର ଚୋର କୋର୍ଟଚାଲାଣ

ବୁଗୁଡ଼ା,୩।୧(ଡି.ଏନ.ଏ.)-ବାରମ୍ବାର ଚୋରି କରି ଜେଲ ଯିବା ଏବଂ ଜାମିନ୍ରେ ଆସି ପୁଣି ଚୋରି କରି ପୋଲିସକୁ ନାକେଦମ୍ କରୁଥିବା ବୁଗୁଡ଼ା ଖଦାଳସାହିର ପେସାଦାର ଚୋର ପ୍ରଭାକର ନାୟକ ଓରଫ ମାଠଗୁଣାଙ୍କୁ ପୁଣି ଏକ ଚୋରି ଘଟଣାରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନିକଟରୁ ଏକ ଚୋରି ମୋବାଇଲ, କଣ୍ଢେଇ, ରସ ଡ଼େକଚି, କଡେଇ ଓ ଲୁହା ଗ୍ରୀଲ ଜବତ ହୋଇଛି। ଏ ସବୁ ଜିନିଷ ବୁଗୁଡ଼ା ସୀମାଞ୍ଚଳ ମାର୍ଗର ପଦ୍ମଚରଣ ଦାଶଙ୍କ ଘରୁ ଚୋରି କରିଥିବା ବେଳେ ଏନେଇ ୭୯୧/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶଯୋଗ୍ୟ ଯେ, ପ୍ରଭାକର ବିଭିନ୍ନ ସ୍ଥାନରୁ ଚୋରି କରିବା ଅଭିଯୋଗରେ ବହୁବାର ଜେଲ ଯାଇଥିବା ବେଳେ ଗତବର୍ଷ ଜୁଲାଇ ୧୧ ତାରିଖରେ ବୁଗୁଡ଼ା ସୀମାଞ୍ଚଳ ମାର୍ଗରେ ରହୁଥିବା ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସ୍ତ୍ରୀ ସକାଳ ସମୟରେ ଫୁଲ ତୋଳୁଥିବା ବେଳେ ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେବା ଘଟଣାରେ ଜେଲ ଯାଇ ଏବେ କିଛିଦିନ ହେଲା ଜାମିନରେ ଆସିଥିଲେ।

### ଦୀପକ ସ୍ମାରକୀ କ୍ରିକେଟ, ଶେରଗଡ଼ ବିଜୟୀ

ହିଞ୍ଜିଳିକାଟୁ, ୩।୧(ଡି.ଏନ.ଏ): ହିଞ୍ଜିଳିକାଟୁ ମିନି ଷ୍ଟାଡିୟମ ପରିସରରେ ଇଗଲ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଦୀପକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍ଘାଟିତ ହୋଇଯାଇଛି। ମହାଲକ୍ଷ୍ମୀ କ୍ରିକେଟ କ୍ଲବ, ଶେରଗଡ଼ ନର୍ମଦେଶ୍ୱର କ୍ଲବ ନଳବଣ୍ଟାକୁ ୪ ୱିକେଟରେ ପରାସ୍ତ କରିଛି। ନଳବଣ୍ଟା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ ବିନିମୟରେ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ଶେରଗଡ଼ ଦଳ ୧୫.୩ ଓଭରରେ ୬ଟି ୱିକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ବିଜୟୀ ଦଳ ପକ୍ଷରୁ କାଳିଆ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ହିଞ୍ଜିଳିକାଟୁ ପୌରାଧକ୍ଷ ସୁବାସ ଚନ୍ଦ୍ର ପଲେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପୌର ଉପାଧକ୍ଷା ସୁଚିତ୍ରା ପଣ୍ଡା, ତହସିଲଦାର ପ୍ରଭାତ କୁମାର ପରିଡା, ବିଡିଓ ସୁବ୍ରତ କୁମାର ଜେନା, କାଉନସିଲର ବିଳାସ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବ ସଭାପତି ସଞ୍ଜୟ ପଣ୍ଡା ସଂଯୋଜନା କରିଥିଲେ। ଅମ୍ପାୟାର ଭାବେ ବାବୁ ପଣ୍ଡା ଓ ରଜତ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ସୀମାଞ୍ଚଳ ପାଣିଗ୍ରାହୀ, ଉମା ମହାରଣା, ସାଗର ବେହେରା, ସଚିନ ସେଠି, ସୁରୁଜ ସୁବୁଦ୍ଧି, ସୁନିଲ ପାଠି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ମାଟି ଇଟା, ୨ ମୁଗୁନି ପଥର ବୋଝେଇ ଟ୍ରାକ୍ଟର ଜବତ



ଜବତ ହୋଇଥିବା ୩ ଟ୍ରାକ୍ଟର।

ଓଡ଼ଗାଁ, ୩।୧ (ସ୍ୱ.ପ୍ର.) ନୟାଗଡ଼ ଜିଲା ଓଡ଼ଗାଁ ତହସିଲଦାର ମଙ୍ଗଳବାର ଚଢାଉ କରି ଗୋଟିଏ ମାଟି ଇଟା ବୋଝେଇ ଟ୍ରାକ୍ଟର ସହିତ ୨ କଳା ମୁଗୁନି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । ସୂଚନା ଅନୁଯାୟୀ, ତହସିଲଦାର ବିଜୟିତା ସାମନ୍ତସିଂହାର ସୋମବାର ବେଆଇନ ମାଙ୍କଡା ଖଣିରେ ଚଢାଉ କରିଥିଲେ । ମଙ୍ଗଳବାର ବଡପୁଟ ଗ୍ରାମ ନିକଟରୁ ଓଆର୨ବି୨୭୭୫ ନମ୍ବର ବିଶିଷ୍ଟ ମାଟି ଇଟା ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । ସେହିପରି ଗୌଡପୁଟ ନିକଟରୁ ଗମେଇ ଗ୍ରାମର ପୀତାବାସ ସ୍ୱାଇଁଙ୍କ ଓଡି ୨୫ଡି ୫୩୦୭ ଏବଂ ଓଆର୨୫ଏ ୭୧୪୨ ନମ୍ବର ବିଶିଷ୍ଟ ଦୁଇ ଟ୍ରାକ୍ଟରରେ ବେଆଇନ ଭାବେ କଳା ମୁଗୁନୀ ଚାଲାଣ ହେଉଥିବା ବେଳେ ଉଭୟକୁ ଜବତ କରିଛନ୍ତି । ହେଲେ ଇଟା ବୋଝେଇ ଟ୍ରାକ୍ଟର ମାଲିକଙ୍କ ନାମ ଜଣାନାହିଁ । ସମସ୍ତ ଜବତ ଟ୍ରାକ୍ଟର ତହସିଲ ଅଫିସରେ ରହିଛି । ଜିଲାପାଳ ରବିନ୍ଦ୍ର କୁମାର ସାହୁ, ତହସିଲଦାର ଓ ଉପଜିଲାପାଳଙ୍କ ସହିତ କେତେକ ମାଙ୍କଡା ଖଣି ପରିଦର୍ଶନ କରିଛନ୍ତି ।

# ବିଡିଓ, ଜିଲାପାଳଙ୍କୁ ସ୍ମାରକପତ୍ର ଦେଲା ଭାଜପା

ନୟାଗଡ଼ ଅଫିସ,୩।୧: ଦଶପଲ୍ଲା ବ୍ଲକ ଅଞ୍ଚଳରେ ଧାନ ମଣ୍ଡି ଖୋଲୁ ନ ଥିବାରୁ ଭାଜପା ପକ୍ଷରୁ ରାଘବ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ବିଡିଓଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି । ମଣ୍ଡି ଖୋଲୁ ନ ଥିବାରୁ ଚାଷୀ ବାଧ୍ୟ ହୋଇ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହୋଇ ୧୨୦୦ରୁ ୧୪୦୦ ଟଙ୍କାରେ ଧାନ ବିକୁଛି। ଏଫ୍ଏକ୍ୟୁ ଧାନର ମୂଲ୍ୟ ୨ ହଜାର ୪୦ ଟଙ୍କା ଥିବାବେଳେ ଚାଷୀ କାହିଁକି କମ ଟଙ୍କାରେ ଧାନ ବିକୁଛି ତାର କାରଣ ଅନୁଧ୍ୟାନ ହେଉ । ଅନ୍ୟପକ୍ଷେ ମଣ୍ଡି ଶୀଘ୍ର ଖୋଲାଯାଇ ଏହି ଅବ୍ୟବସ୍ଥାକୁ ଦୂର କରାଗଲେ ଚାଷୀ ଅଭାବୀ ଧାନ ବିକ୍ରୀର ସମ୍ମୁଖୀନ ହେବନି ବୋଲି ଦଳ କହିଛି। ଚାଷୀର ସମସ୍ୟାକୁ ଅଣଦେଖା କଲେ ଭାଜପା ବାଧ୍ୟ ହୋଇ ଆନ୍ଦୋଳନ କରିବ ବୋଲି ଦଳୀୟ କର୍ମୀମାନେ କହିଛନ୍ତି । ଏନେଇ ଭାଜପାର ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ଜିଲାରେ ଅଭାବୀ ଧାନ ବିକ୍ରି, ମଣ୍ଡି ନ ଖୋଲିବା ପରି ସମସ୍ୟା ନେଇ ଭାଜପା ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଛି ।

# ହକି ଚିତ୍ର ଆଙ୍କିଲେ ତହସିଲଦାର


ଚିତ୍ର ଅଙ୍କନରେ ନିମଗ୍ନ ତହସିଲଦାର ।

ଗଞ୍ଜାମ,୩।୧(ଡି.ଏନ.ଏ.) ଆଉ ମାତ୍ର ୯ ଦିନ ପରେ ଓଡିଶାରେ ବିଶ୍ୱକପ ହକି ଆୟୋଜିତ ହେବ। ତାର ପ୍ରଚାର ପ୍ରସାର ପାଇଁ ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ଅଭିନବ ପ୍ରୟାସ କରିଛନ୍ତି। ସେ ଗଞ୍ଜାମ ସହରସ୍ଥିତ ଦାମୋଦରପୁର ଗ୍ରାମ ନିକଟସ୍ଥ ପୁରୁଣା ୫ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏକ ମହିଳା ହକି ଖେଳାଳିଙ୍କ ଆକର୍ଷଣୀୟ ଚିତ୍ର ନିଜ ହାତରେ ଆଙ୍କି ରଙ୍ଗ ଦେଇଥିବା ଦେଖିବାକୁ ମିଳିଛି, ଯାହା ଉକ୍ତ ରାସ୍ତାରେ ଯାଉଥିବା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି।

# ଷଣ୍ମୂଳରେ ଧାନ ମଣ୍ଡି ଶୁଭାରମ୍ଭ

ବେଗୁନିଆପଡ଼ା,୩।୧

ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଷଣ୍ମୂଳ ପଞ୍ଚାୟତସ୍ଥିତ ପ୍ରାଥମିକ ସେବା ସମବାୟ ସମିତିରେ ମଙ୍ଗଳବାର ସେବା ସମବାୟ ସମିତି ସଭାପତି ରବିନାରାୟଣ ପଣ୍ଡା ଏବଂ ପରିଚାଳନା ନିର୍ଦ୍ଦେଶକ ରଙ୍ଗନାଥ ସ୍ୱାଇଁଙ୍କ ଉପସ୍ଥିତିରେ ଅନୌପଚାରିକ ଭାବେ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ସରକାରୀ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଧାନ ମଣ୍ଡି ଶୁଭାରମ୍ଭର କାର୍ଯ୍ୟକ୍ରମ ଥିଲା। ତେବେ ସେମାନେ ଆସିବାରେ ଅହେତୁକ ବିଳମ୍ବ ହେତୁ ଅନୌପଚାରିକ ଭାବେ ପଣ୍ଡା ଏବଂ ସ୍ୱାଇଁଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ । ଚାଷୀମାନଙ୍କ ଉପସ୍ଥିତି ସହିତ ସେବା ସମବାୟ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିବା ବେଳେ ମଣ୍ଡି ଶୁଭାରମ୍ଭ ପାଇଁ କୌଣସି ପୂଜାର୍ଚ୍ଚନା ଏବଂ ଫିତା କଟା କାର୍ଯ୍ୟକ୍ରମ ହୋଇନଥିଲା।

# ଭାବୀ ସ୍ତ୍ରୀଙ୍କ ଘରକୁ ଆସି ଯୁବକଙ୍କ ମୃତ୍ୟୁ ଘଟଣା
# ରହସ୍ୟ ଉନ୍ମୋଚନ ପାଇଁ ପରିବାର ଥାନାର ଦ୍ୱାରସ୍ଥ

ଗୋପାଳପୁର,୩।୧(ଡି.ଏନ.ଏ.) ପୁଅର ଆକସ୍ମିକ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ଏନେଇ ତଦନ୍ତ କରି ମୃତ୍ୟୁର ରହସ୍ୟ ଉନ୍ମୋଚନ କରିବା ପାଇଁ ମଙ୍ଗଳବାର ଗୋଳନ୍ଥରା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ସମ୍ବଲପୁର ବୁର୍ଲା ଅଞ୍ଚଳର କମଲ ବାହାଦୁର (୨୮)ଙ୍କ ସହିତ ଗୋଳନ୍ଥରା ଥାନାଞ୍ଚଳ ଘାଟିକାଲୁଆ ଅଞ୍ଚଳରେ ଥିବା ଜନୈକା ଯୁବତୀଙ୍କ ସହିତ ନିର୍ବନ୍ଧ ହୋଇ ବିବାହ ଠିକ ହୋଇଥିଲା। ବିଭିନ୍ନ ସମୟରେ ଯୁବତୀଙ୍କ ଘରକୁ କମଲ ଯିବା ଆସିବା କରୁଥିଲେ। ଗତ ୨୪ ତାରିଖରେ କମଲ ଘାଟି କାଲୁଆ ଆସିଥିଲେ। ଗତ ରବିବାର କମଲଙ୍କ ଜନ୍ମଦିନ ଯୁବତୀଙ୍କ ଘରେ ପାଳନ କରିଥିଲେ। ସୋମବାର ପୂର୍ବାହ୍ନ ୧୦ଟା ସମୟରେ କମଲ ଓ ତିନିଜଣ ମିଶି ନିକଟରେ ଥିବା ପଥର ଖାଦାନରେ ଜମା ହୋଇଥିବା ପାଣିରେ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ କମଲ ପହଁରି ଯାଉଥିବା ବେଳେ ମଝିରେ ରହିଯାଇଥିଲେ। ତାଙ୍କ ସହ ଯାଇଥିବା ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର କମଲଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କମଲଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଉକ୍ତ ଘଟଣାକୁ ନେଇ ପରିବାର ସଦସ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି। ମଙ୍ଗଳବାର କମଲଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅନ୍ୟପଟେ କମଲଙ୍କ ମୃତ୍ୟୁ କିଭଳି ଓ କେଉଁ ପରିସ୍ଥିତିରେ ଘଟିଛି ତାହାର ତଦନ୍ତ ପାଇଁ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେଶ ନଂ ୧/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏନେଇ ଥାନାଧିକାରୀ ବିବେକାନନ୍ଦଙ୍କ ସହ ଯୋଗାଯୋଗ ବେଳେ ତଦନ୍ତ ଚାଲିଛି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ଏବଂ ଏହି ଘଟଣାରେ ଯେଉଁମାନେ ଉପସ୍ଥିତ ଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କହିଛନ୍ତି। ସୂଚନାଥାଉକି, କମଲ ସମ୍ବଲପୁର ଜିଲା ତରଫରୁ କଳାହାଣ୍ଡି କ୍ରିକେଟ୍ କପ୍ ଖେଳି ସୁନାମ ଅର୍ଜନ କରିଥିଲେ। କମଲ ପରିବାରର ଏକମାତ୍ର ପୁତ୍ର ଥିଲେ।

# ନକଲି ସୁନା ଦେଇ ଠକିନେଲେ ୩ ଲକ୍ଷ

ଛତ୍ରପୁର,୩।୧(ଡି.ଏନ.ଏ.)

ଛତ୍ରପୁର ଥାନା ଅଧୀନ ଶାନ୍ତିନଗରରେ ଏକ ଦମ୍ପତି ସୁନାକିଣି ଠକାମିର ଶିକାର ହୋଇଛନ୍ତି। ଶାନ୍ତିନଗରର ବିଜୟ କୁମାର ସାମନ୍ତରା ଓ ତାଙ୍କ ସ୍ତ୍ରୀ ରିନା ନକଲି ସୁନା କିଣି ୩ ଏକ୍ଷ ଟଙ୍କା ହରାଇବା ପରେ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

ଶାନ୍ତିନଗର ଅଞ୍ଚଳକୁ ଗତ୧୫ ଦିନ ହେଲା ଜଣେ ବ୍ୟକ୍ତି ସାଇକେଲରେ ପରିବା ଧରି ବିକ୍ରି ପାଇଁ ଆସୁଥିଲେ। ଗତ ସୋମବାର ସେ ଏବଂ ଅନ୍ୟ ଜଣେ ବ୍ୟକ୍ତି ଆସି ରିନାଙ୍କୁ ଭେଟିଥିଲେ। ଉଭୟେ ହିନ୍ଦୀ ଓ ବଙ୍ଗଳାରେ କଥା ହେଉଥିଲେ। ଘର କାମ କରିବା ସମୟରେ ଏକ ସୁନାଖଣ୍ଡ ମିଳିଛି, ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସେମାନେ ଏହାକୁ ୩ ଲକ୍ଷରେ ବିକ୍ରି କରିଦେବେ ବୋଲି ରୀନାଙ୍କୁ କହିଥିଲେ। ଏହା ଅସଲି ସୁନା ବୋଲି ଅଜଣା ବ୍ୟକ୍ତି ଜଣକ ବିଶ୍ୱାସ କରାଇବାରୁ ରୀନ ଓ ତାଙ୍କ ସ୍ୱାମୀ ଲୋଭରେ ଟଙ୍କା ଯୋଗାଡ କରିବାରେ ଲାଗି ପଡିଥିଲେ। ଘର ସମ୍ମୁଖରେ ଏହାକୁ କିଣାବିକା ନ କରି ଦମ୍ପତି ଓ ଠକଦ୍ୱୟ ଛତ୍ରପୁର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଶ୍ରାମ ଗୃହକୁ ଯାଇ ଟଙ୍କା ଓ ସୁନା ଦିଆନିଆ କରିଥିଲେ। ପରେ ଟଙ୍କା ଧରି ଠକଦ୍ୱୟ ସେଠାରୁ ଚମ୍ପଟ ମାରିଥିଲେ। ଏପଟେ ଦମ୍ପତି କିଣିଥିବା ସୁନାକୁ ଯାଞ୍ଚ କରିବାରୁ ତାହା ନକଲି ଜଣାପଡିଥିଲା। ରୀନା ମଙ୍ଗଳବାର ଏ ସମ୍ପର୍କରେ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୬/୨୩ ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ରିନାଙ୍କ ଘରେ ନିକଟରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରାଯାଇଛି । ଏ ଯାବତ ପୋଲିସ ଠକଦ୍ୱୟଙ୍କ ଟେର ପାଇନାହିଁ । ବିଜୟ ଜଣେ ବ୍ୟବସାୟୀ। ସେ ବାହାରେ ରହୁଥିଲେ। କିଛି ଦିନ ହେବ ଘରକୁ ଆସିଥିବା ସୂଚନା ମିଳିଛି ।

# ଗ୍ରାମାଞ୍ଚଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ।

ଦଶପଲ୍ଲା,୩।୧(ଡି.ଏନ.ଏ.)

ମଙ୍ଗଳବାର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଡିହଗାଁ ପଞ୍ଚାୟତର ଜାନିସାହି ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ତରଫରୁ ଗ୍ରାମାଞ୍ଚଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ରୁପେ ଯୋଗଦେଇ ଦଶପଲ୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ ଉଦ୍ଘାଟନ କରିଥିଲେ । ସମ୍ମାନନୀୟ ଅତିଥି ରୁପେ ଜିଲା ଯୁବ ଅଧିକାରୀଙ୍କ ସମେତ ଡିହଗାଁ ପଞ୍ଚାୟତର ସରପଞ୍ଚ ବରୁଣ ପାତ୍ର ଏବଂ ସମିତି ସଭ୍ୟ ଧ୍ରୁବଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ବ୍ୟାଟମିଣ୍ଟନ, ଭଲି ବଲ୍, କବାଡି, ସ୍ଲୋ ସାଇକେଲ ରେସ୍, ୧୦୦ ମିଟର ଦୌଡ ଆଦି ଅନୁଷ୍ଠିତ ହୋଇଥିଲା । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ଚିନିଶିଳ୍ପ ବଏଲର୍ରେ ଅଗ୍ନି ସଂଯୋଗ

ଆସିକା,୩।୧(ଡି.ଏନ୍.ଏ.)

ଆସିକା ସମବାୟ ଚିନିଶିଳ୍ପରେ ଚଳିତବର୍ଷର ଆଖୁପେଡ଼ା ଲାଗି ମଙ୍ଗଳବାର ବଏଲରରେ ଅଗ୍ନି ସଂଯୋଗ କରାଯାଇଥିଲା । ଚିନିଶିଳ୍ପ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର କୁମାର ପଣ୍ଡା, ସଂପାଦକ ଚନ୍ଦ୍ରଶେଖର ରେଡ୍ଡୀ, ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ ଏବଂ ପରିଚାଳନା ପରିଷଦର ସଦସ୍ୟଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ବଏଲରରେ ଅଗ୍ନି ସଂଯୋଗ କରାଯାଇଥିଲା। ଅଗ୍ନି ସଂଯୋଗର ୭ରୁ ୧୦ ଦିନ ମଧ୍ୟରେ ଆଖୁପେଡ଼ା ଆରମ୍ଭ କରାଯିବ ବୋଲି ଚିନିଶିଳ୍ପର ସଭାପତି ପଣ୍ଡା ସୂଚନା ଦେଇଛନ୍ତି। ଅପରପକ୍ଷେ ଚଳିତ ବର୍ଷର ଆଖୁ ଦର ନିର୍ଦ୍ଧାରଣରେ ଆଖୁଚାଷିଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ କରି ଚିନିଶିଳ୍ପ ୨ ନମ୍ବର ଜୋନର ନିର୍ଦ୍ଦେଶକ ତଥା ଗଞ୍ଜାମ ଜିଲା ଆଖୁଚାଷୀ ସଂଘର ସଂପାଦକ ପୂର୍ଣ୍ଣ ବରାଡ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିବା ଜଣାପଡିଛି । ଟନ ପ୍ରତି ୩ ହଜାର ୫ଶହ ଟଙ୍କା ଦେବା ଲାଗି ଆଖୁଚାଷୀଙ୍କ ପକ୍ଷରୁ ବରାଡ ପରିଚାଳନାବର୍ଗ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ଚିନିଶିଳ୍ପର ସଭାପତି ପଣ୍ଡାଙ୍କୁ ପଚାରିବାରେ ଗତ ବର୍ଷ ଏହି କାରଖାନା ଆଖୁ ଟନ ପ୍ରତି ୨ ହଜାର ୯ଶହ ୮୦ ଟଙ୍କା ଚାଷିଙ୍କୁ ଦେଇଥିଲା ବେଳେ ଚଳିତ ବର୍ଷ ଏହାକୁ ବୃଦ୍ଧି କରି ୩ହଜାର ୮୦ ଟଙ୍କା କରାଯାଇଛି । ଦର ନିର୍ଦ୍ଧାରଣ ପୂର୍ବରୁ ୨ଥର ସେ ଆଖୁଚାଷୀଙ୍କ ସହ ଆଲୋଚନା କରିଥିଲା ବେଳେ ଅଣଆନୁଷ୍ଠାନିକ ଭାବେ ଆଖୁଚାଷୀ ସଂଘର ସଭାପତିଙ୍କ ସହ ଆଲୋଚନା କରି ଦର ନିର୍ଦ୍ଧାରଣ କରିଥିବା ପ୍ରକାଶ କରିଛନ୍ତି।

# ସିଡିପିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ବୁଗୁଡା,୩।୧(ଡି.ଏନ.ଏ.) ବୁଗୁଡା ଆଇସିଡିଏସ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ସିଡିପିଓ ରଞ୍ଜିତା ତ୍ରିପାଠୀଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ତାଙ୍କୁ କାର୍ଯ୍ୟାଳୟର କର୍ମଚାରୀ ଓ ଅଞ୍ଚଳ ପରିଦର୍ଶିକାଙ୍କ ପକ୍ଷରୁ ସୋମବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହ ପୋଲସରା ବ୍ଲକର ସିଡିପିଓ କୁନ୍ତଳା କୁମାରୀ ନାୟକ ବୁଗୁଡାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲା ବେଳେ ତାଙ୍କୁ ମଧ୍ୟ କାର୍ଯ୍ୟାଳୟ କର୍ମଚାରୀ, ଅଞ୍ଚଳ ପରିଦର୍ଶିକା ଏବଂ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ନୂତନ ସିଡିପିଓ ନାୟକ ଦୀର୍ଘଦିନ ଧରି ଧାରଣାରତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଗଣଙ୍କୁ ଧାରଣା ପ୍ରତ୍ୟାହୃତ କରି କାର୍ଯ୍ୟରେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ।

# ବାଇକ୍ ଚୋରି ରାକେଟ୍ର ମାଷ୍ଟରମାଇଣ୍ଡ ଗିରଫ

ବୁଗୁଡ଼ା,୩।୧(ଡି.ଏନ.ଏ.)

ବାଇକ ଚୋରି ରାକେଟ୍ର ମାଷ୍ଟରମାଇଣ୍ଡଙ୍କୁ ପୋଲିସ ଗିରଫ କରିବା ସହ ୩ ଚୋରି ବାଇକକୁ ଜବତ କରିଛି। ଗିରଫ ଯୁବକ ହେଲେ ନୟାଗଡ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ନାଣ୍ଡିଗିରି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜାନି(୨୫)। ବୁଗୁଡ଼ା ପୋଲିସ ଏସ୍ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ସୋମବାର ସନ୍ଧ୍ୟାରେ କରଚୁଲିଠାରେ ହେଲମେଟ ଯାଞ୍ଚ ଚାଲିଥିବା ବେଳେ ପୂର୍ଣ୍ଣ ଏକ ନମ୍ବରବିହୀନ ନାଲି ରଙ୍ଗର ଆପାଚିରେ ଯାଉଥିବା ଦେଖି ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ତେବେ ସେ ନ ଅଟକି ଦ୍ରୁତ ଗତିରେ ପଳାଇବାରେ ପୋଲିସ ତାଙ୍କୁ ପିଛା କରି କରସିଂ ଠାରେ ଧରି ଯାଞ୍ଚ କଲା ବେଳେ ଏହା ଚୋରି ବାଇକ ବୋଲି ଜଣାପଡିଥିଲା। ପୋଲିସ ପୂର୍ଣ୍ଣଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ପରେ ସେ ବାଇକ ଚୋରି କରୁଥିବା ସ୍ୱୀକାର କରିବା ସହ ଆଉ ଦୁଇଟି ଚୋରା ବାଇକ ଘରେ ରଖିଥିବା କହିଥିଲା। ପୋଲିସ ପୂର୍ଣ୍ଣଙ୍କ ଘରୁ ୨ଟି ହୋଣ୍ଡା ସାଇନ ବାଇକ ଜବତ କରିଛି। ଉକ୍ତ ବାଇକ ରାକେଟରେ ନୟାଗଡ଼ ଓ ଜଗନ୍ନାଥପ୍ରସାଦ ଅଞ୍ଚଳର ୨ ଜଣ ସମ୍ପୃକ୍ତ ଥିବାବେଳେ ଏମାନେ ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରୁଥିବା ପୋଲିସ କହିଛି। ଏ ନେଇ କେଶ୍ ନଂ ୬/୨୩ରେ ଏକ ମାମଲା ରୁଜୁ କରି ପୂର୍ଣ୍ଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।


ଜବତ ୩ ବାଇକ୍ ସହ ଅଭିଯୁକ୍ତ।

# ଲାପ୍‌ଟପ୍‌କିଣାରେ ଟେଣ୍ଡର ଫିକ୍ସିଂ

■ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାରେ ଅନିୟମିତତା
■ ନିର୍ଦ୍ଦିଷ୍ଟ ବ୍ରାଣ୍ଡକୁ ଅଯାଚିତ ଅନୁକମ୍ପା ଅଭିଯୋଗ

ଯାଜପୁର ଅଫିସ,୩୧ା

ଆଭ୍ୟନ୍ତରୀଣ ଅଞ୍ଚଳକୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ସରକାର ମୋବାଇଲ ହେଲ୍‌ଥ ଟିମ୍ (ଏମ୍‌ଏଚ୍‌ଟି) ବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳ ଗଠନ କରିଛନ୍ତି। ଜଣେ ଆୟୁଷ ଡାକ୍ତରଙ୍କ ନେତୃତ୍ୱରେ ଜିଲାର ପ୍ରତି ଗ୍ରାମକୁ ୧୫ ଦିନରେ ଥରେ ଗସ୍ତ କରି ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଏହାର ଲକ୍ଷ୍ୟ ରହିଛି। ଏଥିପାଇଁ ଯାଜପୁର ଜିଲାର ଏମ୍‌ଏଚ୍‌ଟିଗୁଡ଼ିକୁ ୧୭ଟି ଲାପ୍‌ଟପ୍ ପ୍ରଦାନ କରାଯାଉଛି। ଜିଇଏମ୍ (ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସ) ବିଡିଂ ମାଧ୍ୟମରେ ବ୍ୟାପକ ଅନିୟମିତତା କରାଯାଇ ଅନୁଦାନର ସିଂହଭାଗ ଅର୍ଥ ହରିଲୁଟ ହୋଇଛି। ଏହି ମର୍ମରେ ଆଇନଜୀବୀ ଉଦୟନାଥ ସାହୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟୁଇଟ କରି ଉପଯୁକ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଜିଲାର ୧୩୩ଟି ସବ୍‌ସେଣ୍ଟର ପାଇଁ ବିଭିନ୍ନ ଆସବାବପତ୍ର କିଣିବା ପାଇଁ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିକଟରେ ପୂର୍ବରୁ ଅଭିଯୋଗ ହୋଇଥିଲା। ଜିଲାପାଳ ଉକ୍ତ ଅଭିଯୋଗର ସତ୍ୟତା ଯାଞ୍ଚ କରିବାକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏବେ ପୁଣି ଲାପ୍‌ଟପ୍‌କିଣାରେ ଦୁର୍ନୀତି ଅଭିଯୋଗ ସ୍ୱାସ୍ଥ୍ୟ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମୋଟ ୫୭୮ଟି ଲାପ୍‌ଟପ୍ ଏବଂ ୩୯ଟି ଡେସ୍କଟପ୍ ଜିଇଏମ୍ ବିଡିଂ ମାଧ୍ୟମରେ କ୍ରୟ କରିବାକୁ ରାଜ୍ୟ ମିଶନ ଡାଇରେକ୍ଟର ଗତ ଡିସେମ୍ବର ୮ରେ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ମେ ୧୨ରେ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ଲାପଟପ୍, ଡେସ୍କଟପ୍ ଏବଂ ୟୁପିଏସ୍ କ୍ରୟ ନିମନ୍ତେ ନିର୍ଦ୍ଧାରିତ ସ୍ପେସିଫିକେଶନ ମାର୍ଗଦର୍ଶିକା ଜାରି ହୋଇଥିଲା। ସେହି ନିର୍ଦ୍ଦେଶ ଆଧାରରେ ଡିସେମ୍ବର ୨୦ରେ ସିଡିଏମ୍‌ଓ କାର୍ଯ୍ୟାଳୟ ପକ୍ଷରୁ ସିଡିଏମ୍‌ଓ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ଜନସ୍ୱାସ୍ଥ୍ୟ) ଡା. ଶିବାଶିଷ ମହାରଣା ୧୭ଟି ଲାପ୍‌ଟପ୍ କ୍ରୟ କରିବାକୁ ଏକ ଜିଇଏମ୍ ବିଡିଂ (ନଂ. ୨୦୨୨/ବି/୨୮୭୮୪୩୦) ଆହ୍ୱାନ କରିଥିଲେ। ଯୋଗ୍ୟ ଫାର୍ମଗୁଡ଼ିକ ପକ୍ଷରୁ ବିଡିଂ ଦାଖଲ କରିବାର ଶେଷ ତାରିଖ ଡିସେମ୍ବର ୩୧ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହି ବିଡିଂରେ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଦ୍ୱାରା ଧାର୍ଯ୍ୟ ଲାପ୍‌ଟପ୍ ସ୍ପେସିଫିକେଶନକୁ କେବଳ ପରିବର୍ତ୍ତନ କରାଯାଇ ନାହିଁ ବରଂ ମିଶନ ଡାଇରେକ୍ଟରଙ୍କ ନିର୍ଦ୍ଦେଶକୁ ମଧ୍ୟ ଅମାନ୍ୟ କରାଯାଇଥିଲା । ବିଡିଂରେ ଲାପ୍‌ଟପ୍‌ର ଯେଉଁ ସ୍ପେସିଫିକେଶନ ଉଲ୍ଲେଖ ହୋଇଥିଲା, ସେଥିରେ କେବଳ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ରହିଥିଲା। ଫଳରେ ଅନ୍ୟ ନାମୀଦାମୀ ବହୁ ରାଷ୍ଟ୍ରୀୟ ଲାପ୍‌ଟପ୍ ଉତ୍ପାଦନକାରୀ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଯୋଗାଣକାରୀ ସଂସ୍ଥାଗୁଡ଼ିକ ଆଉ ବିଡିଂରେ ଆବେଦନ କରିବାରୁ ବଞ୍ଚିତ ହୋଇଥିଲେ। ବିଡିଂ ଯଦି ମିଶନ ଡାଇରେକ୍ଟରଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ପେସିଫିକେଶନ ମତେ ହୋଇଥାଆନ୍ତା, ତେବେ ଅନ୍ୟ ନାମୀଦାମୀ ବ୍ରାଣ୍ଡର ଅନେକ ଯୋଗାଣକାରୀ ସଂସ୍ଥା ଆବେଦନ କରିବାକୁ ସୁଯୋଗ ପାଇଥାନ୍ତେ। ବିଡିଂ ସାମଗ୍ରୀର ମୂଲ୍ୟ ମଧ୍ୟ ପ୍ରତିଯୋଗିତାମୂଳକ ହୋଇ ପାରିଥା'ନ୍ତା ଏବଂ ପ୍ରଶାସନ ସୁଲଭ ମୂଲ୍ୟରେ ଲାପ୍‌ଟପ୍ ପାଇ ପାରିଥା'ନ୍ତେ। କିନ୍ତୁ ତାହା ନ ହେବା ଯୋଗୁ ଏହା ବିଡିଂରେ ଆବେଦନ କରିଥିବା ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଲାପ୍‌ଟପ୍ ଯୋଗାଣକାରୀ ସଂସ୍ଥା ସହିତ ସଂପୃକ୍ତ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ହୋଇଥିବା ସନ୍ଦେହ କରାଯାଇଛି। ଏନେଇ ଏଚ୍‌ପି କମ୍ପାନୀର ଓଡ଼ିଶା ମୁଖ୍ୟ ଦେବାଶିଷ ପଣ୍ଡା ଓ ଅକ୍ସର କମ୍ପାନୀର ଓଡ଼ିଶା ମୁଖ୍ୟ ମନ୍ମଥ ମଲ୍ଲ ଇ-ମେଲ ମାଧ୍ୟମରେ ଯାଜପୁର ଜିଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। କିନ୍ତୁ ତାହା ଉପରେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଗୋଟିଏ ପରେ ଗୋଟିଏ ଟେଣ୍ଡର ପ୍ରକ୍ରିୟାକୁ ଫିକ୍ସିଂ କରି ସମ୍ପୃକ୍ତ ଅଧିକାରୀମାନେ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱହାନି କରୁଥିବା ମତପ୍ରକାଶ ପାଇଛି। ଏସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଇଏମ୍ ଜରିଆରେ ଟେଣ୍ଡର ଆହ୍ୱାନ କରାଯାଇଛି। ସେଥିରେ ତାଙ୍କର କୌଣସି ଭୂମିକା ନାହିଁ କିମ୍ବା କୌଣସି ଲାପ୍‌ଟପ୍ କମ୍ପାନୀକୁ ଅନୁଗ୍ରହ ପ୍ରଦର୍ଶନ କରାଯାଇ ନାହିଁ।




# ୪୦ ମିନିଟ୍ ବିଳମ୍ବରେ ଖୋଲିଲା ଆଉଟ୍‌ଡୋର

■ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାରେ ଅବହେଳା
■ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ

ରସୁଲପୁର,୩୧ା(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବାରେ ଅବହେଳା ଦେଖାଦେଇଛି। ଏଠାରେ ମଙ୍ଗଳବାର ସକାଳ ସମୟରେ ୪୦ମିନିଟ୍ ବିଳମ୍ବରେ ଆଉଟ୍‌ଡୋର ଖୋଲିବାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ରୋଗୀ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା କୁହାଯାଉଛି। ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରେ ଅଭିଯୋଗ ପହଞ୍ଚିବା ପରେ ଆଉଟ୍‌ଡୋରରେ ଡାକ୍ତରମାନେ ଯୋଗଦେଇ ରୋଗୀଙ୍କୁ ଚିକିତ୍ସା କରିଥିଲେ।



ତେବେ ଡାକ୍ତରମାନଙ୍କ କର୍ତ୍ତବ୍ୟରେ ଅବହେଳାକୁ ସ୍ଥାନୀୟ ମଧୁବନ ଅଞ୍ଚଳର ଜନସାଧାରଣ ନାପସନ୍ଦ କରିଛନ୍ତି।

ସକାଳ ୮ଟାରେ ଆଉଟ୍‌ଡୋର ଖୋଲିବା କଥା। ହେଲେ ରୋଗୀମାନେ ଡାକ୍ତରଖାନା ପରିସରରେ ପହଞ୍ଚି ଦେଖିଲା ବେଳକୁ ଆଉଟ୍‌ଡୋର ଫାଟକ ବନ୍ଦ ରହିଥିଲା। ଫଳରେ ରୋଗୀ ସମ୍ପର୍କୀୟମାନେ ଡାକ୍ତରଖାନା ପରିସରରେ ଏଣେତେଣେ ଖୋଜାଖୋଜି କରି ଡାକ୍ତରମାନଙ୍କୁ ଠାବ କରିବାରେ ବିଫଳ ହୋଇଥିଲେ। ପରେ ସେମାନେ ଏ ଦିଗରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବିଶ୍ୱରଞ୍ଜନ କରଙ୍କୁ ଭେଟି ଅଭିଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଫଳ ହୋଇଥିଲେ। ପରେ ଏ ଦିଗରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇବାରୁ ୮ଟା୪୦ରେ ଆଉଟ୍‌ଡୋର ଖୋଲିଥିଲା। ପରେ ଡାକ୍ତରମାନେ କାର୍ଯ୍ୟରେ ଯୋଗଦେଇଥିଲେ ବୋଲି ସୂଚନା ମିଳିଛି। ଆଉଟଡୋର ବିଳମ୍ବରେ ଖୋଲିବା ସମ୍ପର୍କରେ ଭାରପ୍ରାପ୍ତ ଅଧିକାରୀ ଡା. କରଙ୍କୁ ପଚାରିବାରୁ ସେ ଡାକ୍ତରଖାନାରେ ସକାଳ ୯ଟାରେ ପହଞ୍ଚିଥିଲେ। ସେତେବେଳକୁ ଆଉଟ୍‌ଡୋରରେ ୪ ଡାକ୍ତର କାର୍ଯ୍ୟ କରୁଥିବା ଦେଖିଥିଲେ। ଡାକ୍ତରଖାନାରେ ଅଧିକ ସଂଖ୍ୟକ ରୋଗୀ ଥିବାରୁ ଚିକିତ୍ସା କାର୍ଯ୍ୟ ବହୁ ସମୟ ଜାରି ରହିଥିଲା। ମାତ୍ର ଡାକ୍ତରମାନେ ବିଳମ୍ବରେ ଆଉଟ୍‌ଡୋରକୁ ଆସିଥିବା ସମ୍ପର୍କରେ ସେ ଅଭିଯୋଗ ପାଇନାହାନ୍ତି ବୋଲି ମତ ରଖିଛନ୍ତି।

# ଓସ୍ତପାଳ ବିଦ୍ୟାଳୟ ନବୀକରଣ କଲା ଫେଙ୍କର ବେଦାନ୍ତ

କାଳିଆପାଣି,୩୧ା(ଡି.ଏନ.ଏ.):

ସୁକିନ୍ଦା ବ୍ଲକ ଅନ୍ତର୍ଗତ କଅଁଳ ପଞ୍ଚାୟତର ଓସ୍ତପାଳ ଗ୍ରାମରେ ଥିବା ଓସ୍ତପାଳ ପ୍ରାଥମିକ ବିଦ୍ୟାଳୟକୁ ଫେଙ୍କର ବେଦାନ୍ତ କମ୍ପାନୀ ପକ୍ଷରୁ ନବୀକରଣ କରାଯାଇ ଉଦ୍‌ଘାଟନ କରାଯାଇଛି। ଉକ୍ତ ବିଦ୍ୟାଳୟ ଦୀର୍ଘଦିନ ହେବ ଭାଙ୍ଗିପଡ଼ିଥିଲା। ହେଲେ ସରକାରୀସ୍ତରରେ ମରାମତି ହୋଇ ପାରୁ ନ ଥିଲା। ଏନେଇ ଫେଙ୍କର ବେଦାନ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଭେଟି ବିଦ୍ୟାଳୟର ନବୀକରଣ କରିବାକୁ ଦାବି କରିଥିଲେ। ଏହାସହ କମ୍ପାନୀର ଜନଶୁଣାଣିରେ ଶ୍ରମିକ ସଂଘ ପକ୍ଷରୁ ମଧ୍ୟ ବିଦ୍ୟାଳୟ ନବୀକରଣ ପାଇଁ ଦାବି ହୋଇଥିଲା। କମ୍ପାନୀ ସେ ସମୟରେ ପ୍ରତିଶ୍ରୁତି ଦେଇ ତୁରନ୍ତ ୧୩ ଲକ୍ଷ ଟଙ୍କା ମଞ୍ଜୁର କରି ନବୀକରଣ ଆରମ୍ଭ କରିଥିଲା। ନୂତନ ବର୍ଷର ପ୍ରଥମ ଦିନରେ କମ୍ପାନୀ ପକ୍ଷରୁ ଏହାକୁ ଉଦ୍‌ଘାଟନ କରାଯାଇଛି। ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟକୁ ଉଦ୍‌ଘାଟନ କରିବା ସହ ଆଗାମୀ ଦିନରେ କମ୍ପାନୀ ଅଧିକରୁ ଅଧିକ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରିବା ପାଇଁ ଦାବି ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ୩ ଖଣି ପରିଚାଳନା ମୁଖ୍ୟ ମୁଥମାରୀ ଏମ୍, ପାରିପାର୍ଶ୍ୱିକ ଉନ୍ନୟନ ଅଧିକାରୀ ନିଳେନ୍ଦ୍ରୀ ବିଶ୍ୱାଳ, ୩୭ ନମ୍ବର ଜିଲା ପରିଷଦ ସଭ୍ୟା ଜେମା ଟାଖି, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ପୂର୍ବତନ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ଜିଲା ପରିଷଦ ସଭ୍ୟ ବିଦ୍ୟାଧର ପାତ୍ର ଓ ପ୍ରତାପ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ଅତିଥିମାନେ କମ୍ପାନୀ ସହାୟତାରେ ଓସ୍ତପାଳ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଆରମ୍ଭ କରିଥିବା ଚପଲ ଉଦ୍ୟୋଗୀଙ୍କୁ ଭେଟି ଉତ୍ସାହିତ କରିଥିଲେ।

## ଟାଟା ମ୍ୟାଜିକ୍ ଚୋରି ଉଦ୍ୟମ ପଣ୍ଡ

ରସୁଲପୁର,୩୧ା(ଡି.ଏନ.ଏ.):

କୁଆଖିଆ ବାଜର ଟ୍ରେକର ଷ୍ଟାଣ୍ଡରୁ ଏକ ନାଲି ରଙ୍ଗର ଟାଟା ମ୍ୟାଜିକ ନଂ.ଓଆର୍-୦୫-ଏଇ-୩୫୧୨କୁ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି ଦୁର୍ବୃତ୍ତ। ଗାଡ଼ି ଷ୍ଟାର୍ଟ ବନ୍ଦ ହୋଇଯିବାରୁ ଦୁର୍ବୃତ୍ତ ତାହାକୁ ଧର୍ମଶାଳା ଥାନା ବାରବାଟୀ ପଞ୍ଚାୟତ ଚିତ୍ରକୂଳସ୍ଥିତ ବିଦ୍ୟୁତ୍ ଷ୍ଟକର୍ର ସମ୍ମୁଖରେ ଛାଡ଼ି ଫେରାର ହୋଇ ଯାଇଛନ୍ତି। ପୋଲିସ ଗାଡ଼ି ଜବତ କରିବା ପରେ ତା'ର ମାଲିକାଣୀ ସ୍ମୃତିରେଖା ସାହୁଙ୍କୁ ହସ୍ତାନ୍ତର କରିଛି। ସାରଙ୍ଗପୁର ଗ୍ରାମର ସଞ୍ଜୟ ସାହୁ ଏହି ଟାଟା ମ୍ୟାଜିକରେ ଯାତ୍ରୀ ପରିବହନ କରନ୍ତି। ପ୍ରତ୍ୟେହ ସେ ତାଙ୍କ ଗାଡ଼ିକୁ ଟ୍ରେକର ଷ୍ଟାଣ୍ଡରେ ରଖି ଘରକୁ ଯାଇଥାନ୍ତି। ମଙ୍ଗଳବାର ସକାଳୁ ଆସି ଦେଖିଲା ବେଳକୁ ଗାଡ଼ି ଚୋରି ହୋଇଯାଇଥିଲା। ଏନେଇ ଗାଡ଼ି ମାଲିକାଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଏସ୍‌ଆଇ ପ୍ରଳୟ କୁମାର ଉତ୍ତରାୟ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ଷ୍ଟକ୍‌ଟର ସମ୍ମୁଖରେ ଏକ ନାଲି ରଙ୍ଗ ଗାଡ଼ି ଥୁଆହୋଇଥିବା ଜାଣି ଘଟଣା ସ୍ଥଳରୁ ତାହାକୁ ଜବତ କରିଥିଲେ।

# ସତ୍ୟଜିତ ଜେନା ନାଇଟ୍ ଶୋ'ରେ ଦର୍ଶକ ବିଭୋର


ମହୋତ୍ସବରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

ଧର୍ମଶାଳା ମହୋତ୍ସବର ୧୦ମ ସନ୍ଧ୍ୟା

ଧର୍ମଶାଳା,୩୧ା(ଡି.ଏନ.ଏ.):

ଧର୍ମଶାଳା ମହୋତ୍ସବର ମଙ୍ଗଳବାର ୧୦ମ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ସମାଗମ ହୋଇଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ଇଣ୍ଡିଆନ ଆଇଡଲ ଫେମ୍ ସତ୍ୟଜିତ ଜେନା ଓ ତାଙ୍କ ସହ କଳାକାରଙ୍କ ଗୀତ ବେଶ ମନମୁଗ୍ଧକର ହୋଇଥିଲା। ଶୀତ କମ୍ ଥିବାରୁ ଧର୍ମଶାଳା ଓ ଏହାର ଆଖପାଖ ଅଞ୍ଚଳର ହଜାରହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ ଜମିଥିଲା। ଦର୍ଶକମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭୋର ହେବା ସହିତ ମହୋତ୍ସବରେ ବୁଲି ଘରକରଣା ସାମଗ୍ରୀ କିଣିଥିଲେ। ଚଟପଟି ଖାଦ୍ୟ ଖାଇବାର ମଜା ଉଠାଇଥିଲେ। ଆଉ ଗୋଟିଏ ଦିନ ପରେ ମହୋତ୍ସବ ଉଦ୍‌ଯାପିତ ହେବ। ତେବେ ମହୋତ୍ସବ ଉଦ୍‌ଯାପନୀ ଯେତେ ପାଖେଇ ଆସୁଛି ଦର୍ଶକଙ୍କ ଭିଡ ସେତେ ବଢ଼ିବଢ଼ି ଚାଲିଛି। ଦର୍ଶକ ମହୋତ୍ସବ ପଡ଼ିଆ ବୁଲିବା ସମୟରେ କଟକ ବାଲିଯାତ୍ରାର ଭ୍ରମ ସୃଷ୍ଟି କରୁଛି। କାରଣ ଏହା ଏକ ମିନି ବାଲିଯାତ୍ରାରେ ପରିଣତ ହୋଇଛି। ବୁଧବାର ସନ୍ଧ୍ୟାରେ ମହୋତ୍ସବ ରଙ୍ଗ ମଞ୍ଚରେ ଇଣ୍ଡିଆନ ଆଇଡଲ ଫେମ୍ ଅନନ୍ୟା ଶ୍ରୀତମ ନନ୍ଦ ନାଇଟ୍ ଶୋ' ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଜଳଧର ମହାନ୍ତି ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି।

## ପୁତୁରା ଆକ୍ରମଣରେ ବଡ଼ବାପାଙ୍କ ପରିବାର ଗୁରୁତର

ଯାଜପୁର ଟାଉନ,୩୧ା(ଡି.ଏନ.ଏ.):

ଯାଜପୁର ଥାନା ଅଧୀନ ଅକରପଡା ଇଟରା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ପୁତୁରା ଆକ୍ରମଣରେ ବଡବାପାଙ୍କ ପରିବାରବର୍ଗ ଗୁରୁତର ହୋଇ ଯାଜପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏନେଇ ବଡବାପାଙ୍କ ପରିବାରବର୍ଗ ପକ୍ଷରୁ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ, ଗ୍ରାମର ହରେକୃଷ୍ଣ ଜେନାଙ୍କ ଝିଅ ତାଙ୍କ ସାନ ବାପା ପରିକ୍ଷିତ ଜେନାଙ୍କ ପୁଅକୁ ଧାରସୂତ୍ରେ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଟଙ୍କା ମାଗିବାରୁ ପରିକ୍ଷିତଙ୍କ ପରିବାରର ୩ ପୁଅ ଓ ବୋହୂ ମିଶିକରି ହରେକୃଷ୍ଣଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଫଳରେ ହରେକୃଷ୍ଣଙ୍କ ସମେତ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ଗୁରୁତର ହୋଇଥିଲେ।

# ପୂଜ୍ୟପୂଜା ସମ୍ମାନ, ପୁସ୍ତକ ଉନ୍ମୋଚନ

ରସୁଲପୁର,୧୧(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ କୋଳଥଳ ଗ୍ରାମସ୍ଥିତ ମା' କ୍ଷେତ୍ରପାଳିନୀ ମନ୍ଦିର ପ୍ରାଙ୍ଗଣରେ କଳିଙ୍ଗ ଭାରତୀ ସଂଗୀତ କଳାନିକେତନ ଆନୁକୂଲ୍ୟରେ ପୂଜାପୂଜା ସଂସଦ ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଓ ପୁସ୍ତକ ଉନ୍ମୋଚନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ବୈଦ୍ୟନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାନିକେତନ କଲେଜ ଅଧ୍ୟକ୍ଷ ବିଭୂପ୍ରସାଦ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଚର୍ତୁଭୂଜ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଅବସରପ୍ରାପ୍ତ ପ୍ରଧାପକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଚୀନକାଳ ଓ ଆଧୁନିକ ସଂଗୀତର ସ୍ୱର, ଲୟ, ତାଳ ଆଦିକୁ ନେଇ ତୁଳନାତ୍ମକ ଓ ତଥ୍ୟ ଭିତ୍ତିକ ବିଷୟ ସମ୍ପର୍କରେ ଆଲୋକପାତ କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ପରେ କଳିଙ୍ଗ ଭାରତୀ ସଂଗୀତ ଅନୁଷ୍ଠାନର ପ୍ରତିଷ୍ଠାତା ହାଡ଼ିବନ୍ଧୁ ରଣାଙ୍କ ଲିଖିତ 'ଦିବ୍ୟଦର୍ଶନ' ଓ ଅନୁଷ୍ଠାନର ବିଦ୍ୟାର୍ଥୀ, ଶିକ୍ଷକ, ଅଭିଭାବକଙ୍କ ମିଳିତ ଉଦ୍ୟମରେ ହାଡ଼ିବନ୍ଧୁ ସାରଙ୍କ ଜୀବନୀ ଉପରେ ଲିଖିତ 'ପ୍ରାଜ୍ଞ ପଥିକ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

ଏହି ଅବସରରେ ଶିକ୍ଷାବିତ୍ ସୁବାସଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ତବଲା ବାଦକ ନୃସିଂହ ଚରଣ ସାହୁ, କର୍ମକାଣ୍ଡ ବିଶାରଦ ଚକ୍ରଧର ପଣ୍ଡା, ସଂଗୀତ ଅଧାପକ ଅମରେଶ ଦାଶ, ଅବସରପ୍ରାପ୍ତ ପ୍ରଧାପକ ସୁଶାନ୍ତ କୁମାର ପଣ୍ଡା, ମୁଖ୍ୟ ଅତିଥି ବିଭୂପ୍ରସାଦ ମିଶ୍ର, ପ୍ରତିଷ୍ଠାତା ହାଡ଼ିବନ୍ଧୁ ରଣାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗୀତଜ୍ଞ ନିହାର ରଞ୍ଜନ ପତି, ପୀତବାସ କର, ସଞ୍ଜୟ ସେନ, ସୁନୀଲ କୁମାର ପରିଡ଼ା, ନିରଞ୍ଜନ ତ୍ରିପାଠୀ, ରାଜକିଶୋର ମଲ୍ଲିକ, ସୁବାସ ଚନ୍ଦ୍ର ପଣ୍ଡା, ଅରୁଣ କୁମାର ସାହୁ, ଶିକ୍ଷକ ଗୌରବ ଜଳଧର ସାହୁ, ଯୋଗ ଗୁରୁ ବିଜୟ କୁମାର ଦାଶ, ପଣ୍ଡିତ ଯୋଗେନ୍ଦ୍ର ପଣ୍ଡା, ଶିକ୍ଷକ ବଟକୃଷ୍ଣ ସାହୁ, ବିଦ୍ୟାଧର ରାଉତ ଓ କ୍ଷେତ୍ରବାସୀ ମହାରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ତ୍ତିକ ପଣ୍ଡା ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ଶତାଧିକ କଳା ଓ ସଂଗୀତ ପ୍ରେମୀ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ହର୍ଷ


@ ମନୋଜ


@ ନିମେଶ


@ ରଞ୍ଜନ


@ ସୁନାକର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ଘଟଣାରେ ୨ ଯୁବକ ମୃତ, ଜଣେ ଗୁରୁତର

■ କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କଳିଙ୍ଗନଗର,୩୧ା(ଡି.ଏନ.ଏ.):

ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ମହୁଲମୂଳ ଛକରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତ ଯୁବକ ହେଲେ ଟମକା ଗ୍ରାମର ମହେନ୍ଦ୍ର ମାଝିଓ ମନ ମୁର୍ମୁ। ଗୁରୁତର ହେଲେ ସେହି ଗ୍ରାମର କେଶବ ମାରାଣ୍ଡି। ଏହି ଦୁର୍ଘଟଣା ପରେ ମଙ୍ଗଳବାର କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଡୁବୁରୀ-ନରଣପୁର ପୂର୍ତ୍ତ ବିଭାଗ ରାସ୍ତାର ଡୁବୁରୀ ପଟରୁ ଏକ ସ୍କୁଟିରେ ସମ୍ପୃକ୍ତ ୩ ଯୁବକ ଟମକା ପଟକୁ ଯାଉଥିଲେ। ଏହି ସମୟରେ ରାସ୍ତା ଉପରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ ପଛ ପଟରେ ସ୍କୁଟି ମାଡ ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସ୍କୁଟି ଚାଳକ ଓ ମଝିରେ ବସିଥିବା ଯୁବକଙ୍କ ମୃତ୍ୟୁ ହୋଇଥିଲା। ପଛରେ ବସିଥିବା ଯୁବକ ଗୁରୁତର ହୋଇଥିଲେ।

## ସଂକ୍ଷେପରେ

### ଏରସମାରେ ୨ ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ

**ଏରସମା,୩ା୧(ସ୍ୱ.ପ୍ର.):** ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ ଆମ୍ବିକି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ପୃଥକ ଘଟଣାରେ ୨ ଜଣ ବ୍ୟକ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ସେମାନେ ହେଲେ ଉତ୍ତରପ୍ରଦେଶସ୍ଥିତ ଚଲପୁରଘାଟ ଗ୍ରାମର ଶତ୍ରୁଘ୍ନ ପ୍ରସାଦ(୫୧) ଓ ଅନ୍ୟ ଜଣେ କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ମାର୍ଶାଘାଇ ଥାନାସ୍ଥିତ ମାଣିତ୍ରୀ ଗ୍ରାମର ମନୋରଞ୍ଜନ ସ୍ୱାଇଁ ଓରଫ ବାବୁଲି ନନା(୫୨)। ପୋଲିସ ଉଭୟଙ୍କ ମୃତଦେହ ଜବତ କରିଥିବା ବେଳେ ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଶତ୍ରୁଘ୍ନ ଏକ ଅଟୋରିକ୍ସାରେ ବିସ୍କୁଟ ଆଣି ଆମ୍ବିକୀ ଗ୍ରାମରେ ବିକ୍ରି କରୁଥିଲେ। ଏହି ସମୟରେ ସେ ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ। ତୁରନ୍ତ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ବାବୁଲି ନନା ଦୀର୍ଘ ବର୍ଷ ହେଲା ଆମ୍ବିକିରେ ରହି ଆସୁଥିଲେ । ଅପରାହ୍ନରେ ଆମ୍ବିକି ହାଇସ୍କୁଲ ନିକଟସ୍ଥ ଏକ ପୋଖରୀ ପାଖରେ ହଠାତ୍ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଯୁବ ସାମାଜିକ ସଙ୍ଗଠନର ବୈଠକ

**ପାରାଦୀପ, ୩ା୧(ସ୍ୱ.ପ୍ର.):** ପାରାଦୀପ ଉପକଣ୍ଠ ଚୂନବେଲାରୀ ଗ୍ରାମସ୍ଥିତ କେନ୍ଦୁଆଣୀ ମନ୍ଦିର ପରିସରରେ କେନ୍ଦୁଆଣୀ ଯୁବ ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଲକ୍ ଥାନା ଅଧିକାରୀ ଭାବଗ୍ରାହୀ ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କବି ଗୋଲାପରାଣୀ ସାହୁ, ରମେଶ ଚନ୍ଦ୍ର ତ୍ରିପାଠୀ ଓ ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**କୁଜଙ୍ଗ,୩ା ୧(ଡି.ଏନ୍.ଏ.):** ପୁରୁଷ ବିଶ୍ୱ ହକି କପ୍‌କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗ୍ରାମାଞ୍ଚଳରେ କ୍ରୀଡ଼ାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପଞ୍ଚାୟତରେ କ୍ରିଡ଼ା ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ପୂର୍ବରୁ ପଞ୍ଚାୟତସ୍ତରରେ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିବା ବେଳେ ମଙ୍ଗଳବାର କୁଜଙ୍ଗ ବ୍ଲକର ୩ ନମ୍ବର ଜୋନ୍‌ସ୍ତରୀୟ ପ୍ରତିଯୋଗିତା କରାଯାଇଛି। ବି.ବି.ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ ଓ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ଭଲି ବଲ୍ ପ୍ରତିଯୋଗିତାରେ ସାଧାରଣ ଲୋକ ଭାଗନେଇଥିବାବେଳେ କବାଡି ଓ ଖୋଖୋ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିଲା। ଉକ୍ତ ଉତ୍ସବରେ କୁଜଙ୍ଗ ସରପଞ୍ଚ ନନ୍ଦିତା ଦାସ, ବାଲିଆ ସରପଞ୍ଚ ସରୋଜିନୀ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ ଓ ବାଗୋଇ ପଞ୍ଚାୟତ ହାଇସ୍କୁଲର କ୍ରିଡ଼ା ଶିକ୍ଷକ ରଶ୍ମିରଞ୍ଜନ ଦାସ ଉପସ୍ଥିତ ଥିଲେ। ବୁଧବାର ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବିଡିଓ କହିଛନ୍ତି।

### ଏସଏଚ୍‌ଜି ସଦସ୍ୟାଙ୍କ ଦକ୍ଷତା ବିକାଶ ପାଇଁ ତାଲିମ

**ବିରିଡି, ୩ା୧(ଡି.ଏନ୍.ଏ):** ଅନୁସୂଚିତ ଜାତି ଓ ଜନଜାତି ସଦସ୍ୟା ଥିବା ଏସ୍‌ଏଚଜି(ସ୍ୱୟଂ ସହାୟିକା ଗୋଷ୍ଠୀ)ର ଦକ୍ଷତା ବିକାଶ ପାଇଁ ମଙ୍ଗଳବାର ଏକ ତାଲିମ ଶିବିର ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିରିଡି ବିଡିଓ ହେମନ୍ତ କୁମାର ମହାନ୍ତ, ଡବ୍ଲ୍ୟୁଇଓ ସନ୍ତୋଷ କୁମାର ପଣ୍ଡା, ଡିଇଓ ବିନୋଦିନୀ ସାହୁ, ଗ୍ରୀନ ଇଣ୍ଡିଆର ସଂଯୋଜକ ମନୋଜ ପ୍ରଧାନ ଯୋଗ ଦେଇଥିଲେ । ଓଏସଏଫ୍ ଡିସି ଭୁବନେଶ୍ୱର, ଡିଡବ୍ଲ୍ୟୁଓ ଜଗତ୍‌ସିଂହପୁର ଏବଂ ବିରିଡି ବ୍ଲକ ପକ୍ଷରୁ ଗ୍ରୀନ ଇଣ୍ଡିଆ ସଂସ୍ଥା ଜରିଆରେ ଏହି ଶିବିର ଆୟୋଜନ କରାଯାଇଥିଲା । ଏଥିରେ ବ୍ଲକର ୭ ଏସ୍‌ଏଚଜିର ୭୦ ଜଣ ସଦସ୍ୟା ଯୋଗ ଦେଇ ତାଲିମ ନେଇଥିଲେ । ଏହି ଅବସରରେ ସଦସ୍ୟାମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ ପଞ୍ଚାୟତ, କୃଷି, ଦୀର୍ଘ ସ୍ଥାୟୀ ଜୀବିକା, ଋଣ ଠିକ ସମୟରେ ପରିଶୋଧ କରି ସବ୍‌ସିଡି ନେବା ଆଦି ସମ୍ପର୍କରେ ତାଲିମ ଦିଆଯାଇଥିଲା । ତାଲିମ୍‌ଦାତା ଭାବେ ଇଭିନିଂ ସ୍ୱାଇଁ ଓ ସଞ୍ଜୁଲତା ମଲିକ ଯୋଗ ଦେଇଥିଲେ ।

# ବୁରୁଜରୁ ଛୋଟ ପଥର କାଢି ବଡ଼ ଲଗାଅ

ଜଗତ୍‌ସିଂହପୁର ଅଫିସ, ୩ା୧

**ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦେବୀ ନଦୀ ବାମ ପାର୍ଶ୍ୱ ପରିଦର୍ଶନ**

- ଭଣ୍ଡିସାହି ନିକଟରେ ସ୍ଥିତି ଜଟିଳ, ମୁଖ୍ୟ ଯନ୍ତ୍ରୀଙ୍କ କମିଟି ପହଞ୍ଚିଲା ପରେ ନିଷ୍ପତ୍ତି ହେବ
- ଦେବୀଦୋଳ ନିକଟରେ ପାନୀୟ ଜଳ ପ୍ରକଳ୍ପ ପ୍ରତି ବିପଦ, ସ୍ପର କରାଯିବ



ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ଦେବୀନଦୀବନ୍ଧ ଅନୁଧାନ କରୁଛନ୍ତି।

ବର୍ଷା ଦିନ ଆସିଲେ ଜଗତ୍‌ସିଂହପୁର ଜିଲାର ନଦୀକୂଳିଆ ଲୋକେ ଚିନ୍ତାରେ ପଡିଯାଆନ୍ତି। ବିଶେଷକରି ଦେବୀ ନଦୀର ବିଭିନ୍ନ ସ୍ଥାନରେ ବିପଦ ଆଶଙ୍କା ପ୍ରକାଶ ପାଏ । ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ କିଛି ସ୍ଥାନରେ କାମ ଚାଲିଛି । କିନ୍ତୁ ନିମ୍ନମାନର କାମ ଯୋଗୁ ଅସନ୍ତୋଷ ସୃଷ୍ଟି ହୋଇଛି। ଏନେଇ ଶାସକ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନିକଟରେ ଅଭିଯୋଗ ହୋଇଛି । ଆଗାମୀ ବର୍ଷା ଦିନ ପୂର୍ବରୁ ଦେବୀ ନଦୀର ଉଭୟ ପାର୍ଶ୍ୱ କିପରି ସୁରକ୍ଷିତ ରହିପାରିବ ସେନେଇ ରାଜ୍ୟ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ମଙ୍ଗଳବାର ଜଗତ୍‌ସିଂହପୁର ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ସମସ୍ୟାର ସମାଧାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଦେବୀ ନଦୀ ବାମପାର୍ଶ୍ୱ ଶିଖର ପଞ୍ଚାୟତ ଅନ୍ତର୍ଗତ ପାରିଶିଖର ନିକଟରେ ୬୦୦ ମିଟର ପଥର ପ୍ୟାକିଂ ସାଙ୍ଗକୁ ବୁରୁଜ ନିର୍ମାଣ ବାବଦରେ ପାଖାପାଖି ୯ କୋଟି ଟଙ୍କା ଅଟକଳରେ କାମ ଚାଲିଛି। ଏହି କାମ ୨୦୨୨ ଡିସେମ୍ବରରୁ ଆରମ୍ଭ ହୋଇଛି। ୨୦୨୪ ମାର୍ଚ୍ଚ ସୁଦ୍ଧା କାମ ସାରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଠିକାଦାର ନିମ୍ନମାନର କାମ କରୁଥିବା ସ୍ଥାନୀୟ ଅଞ୍ଚଳର ସତ୍ୟ ନାରାୟଣ ପରିଡ଼ାଙ୍କ ସମେତ ଅନେକ ଲୋକ ଜଗତ୍‌ସିଂହପୁର ବିଧାୟକ ମୁଦୁଲିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ଉପରେ ସର୍ବୋଚ୍ଚ ଯନ୍ତ୍ରୀ ଠିକାଦାରଙ୍କୁ ଛୋଟ ପଥର ପରିବର୍ତ୍ତେ ବଡ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନଦୀ ପଠା ବେସରକାରୀ ଜମିରୁ ମାଟି ମନଇଚ୍ଛା ନ ଉଠାଇବା ପାଇଁ ତାଗିଦ କରିଥିଲେ। ଗାଡି ଯାତାୟାତ ପାଇଁ ଆବଶ୍ୟକ ମୁତାବକ ମାଟି ବ୍ୟବହାର କଲେ ଅସନ୍ତୋଷ ରହିବ ନାହିଁ। ଏହି ଅବସରରେ ପାରିଶିଖରଠାରେ ଶହୀଦ ପ୍ରସନ୍ନ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସେଠାରେ ନିର୍ମାଣ ହେବାକୁ ଥିବା ପାର୍କ ସମ୍ବନ୍ଧରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ସେହିପରି ଓଷକଣା ପଞ୍ଚାୟତର ଭଣ୍ଡିସାହି ନିକଟରେ ଏବେବି ୨୫ରୁ ୩୦ ମିଟର ଗଭୀର ପାଣି ଅଛି । ଏହା ଉପରେ ତରବରିଆ ନିଷ୍ପତ୍ତି ନିଆଯାଇପାରିବ ନାହିଁ। ତେଣୁ ପ୍ରକଳ୍ପର ଡିଜାଇନ, ପ୍ଲାନିଂ ଓ ଇନଭେଷ୍ଟିଗେଶନ୍ ପାଇଁ କମିଟି ଅଫ୍ ଚିଫ ଇଞ୍ଜିନିୟର ଆସି ଦେଖିଲେ ନିଷ୍ପତ୍ତି ନିଆଯିବ ବୋଲି ମହାନ୍ତି କହିଥିଲେ। ଦେବୀଦୋଳ ନିକଟରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି। ଏଲ୍ ଆଣ୍ଡ ଟି ଏହି କାମ କରୁଛି। ଗତ ବନ୍ୟା ସମୟରେ ଏହି ସ୍ଥାନରେ ବିପଦ ଦେଖା ଦେଇଥିଲା। ତେଣୁ ସେଠାରେ ସ୍ପର କରାଯିବ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ଗଣମାଧ୍ୟମ ଆଗରେ କହିଛନ୍ତି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ବିଧାୟକ ମୁଦୁଲି କହିଛନ୍ତି, ବୁରୁଜ ନିର୍ମାଣ ନିମ୍ନ ମାନର ଅଭିଯୋଗର କେତେକାଂଶରେ ସତ୍ୟତା ରହିଛି। ମୋଟାମୋଟି ଭାବରେ କହିବାକୁ ଗଲେ ଦେବୀ ନଦୀର ବାମ ପାର୍ଶ୍ୱର ଯେତେ ସ୍ଥାନରେ ବନ୍ଧକୁ ବିପଦ ସମ୍ଭାବନା ଅଛି ସବୁଠି ଚଳିତବର୍ଷ କିଛି କାମ ହେବ। ଗତ ବନ୍ୟାରେ ପାରିଶିଖର ଓ ଭଣ୍ଡିସାହି ନିକଟରେ ଉଦ୍‌ବେଗଜନକ ପରିସ୍ଥିତି ଥିଲା। ପୂର୍ବ ଭଟଣା ନିକଟରେ ମଧ୍ୟ ବିପଦ ରହିଛି। ଗଜରାଜପୁର ପଞ୍ଚାୟତର ଦେବୀଦୋଳ ନିକଟରେ ନଦୀ ପଠା ଖାଇଯିବା ସାଙ୍ଗକୁ ଅନେକ ଲୋକଙ୍କ ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇଗଲାଣି । ତେଣୁ ଏହାର ସୁରକ୍ଷା ନେଇ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି ବୋଲି ବିଧାୟକ କହିଥିଲେ। ଏଥିସହ ଭଟଣା ଗୋଳା ନଇରେ ଏକ କଲଭର୍ଟ ନିର୍ମାଣ କରାଯିବ ବୋଲି କୁହାଯାଇଥିଲା। ଶେଷରେ ସର୍ବୋଚ୍ଚ ଯନ୍ତ୍ରୀ ଜଗତ୍‌ସିଂହପୁର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସର କର୍ମଚାରୀଙ୍କ ନୂତନ ଆବାସ ବିଲ୍ଡିଂ ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇଙ୍କ ସମେତ ଜଗତ୍‌ସିଂହପୁର ଡିଭିଜନର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମଦ ପିଇ ୩ ଅସୁସ୍ଥ, କାରଣ ଖୋଜୁଛି ପୋଲିସ

ଜଗତ୍‌ସିଂହପୁର ଅଫିସ, ୩ା୧

ଜଗତ୍‌ସିଂହପୁର ଜିଲାରେ ଚୋରା ମଦ କାରବାର ସାଧାରଣ କଥାରେ ପରିଣତ ହୋଇଛି । ବିଶେଷକରି ନକଲି ମଦ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ସୋମବାର ବିଦେଶୀ ମଦ ପିଇ ୩ ଜଣ ଅସୁସ୍ଥ ହେଲା ପରେ ଏହି ଚିନ୍ତା ବହୁଗୁଣିତ ହୋଇଯାଇଛି। ଅସୁସ୍ଥ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବାରୁ ସେମାନଙ୍କୁ ମଙ୍ଗଳବାର ଘରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଜଗତ୍‌ସିଂହପୁର ପୌର ପରିଷଦ ଅନ୍ତର୍ଗତ ଓହଳ ମାଳିସାହିଗଡ଼ାର ଶରତ ଭୋଇ, ଅଜୟ ଭୋଇ ଓ ମକରା ଭୋଇ । କେଉଁ କାରଣରୁ ସେମାନେ ଅସୁସ୍ଥ ହୋଇ ପଡ଼ିଲେ ସେନେଇ ପୋଲିସ ଖୋଳତାଡ଼ ଜୋରଦାର କରିଛି। ଏନେଇ ଶରତଙ୍କ ସ୍ତ୍ରୀ ବାସନ୍ତୀ ଭୋଇଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୧୧/୨୩) ରୁଜୁ କରିଛି। ଏଥିସହ ୨ ଜଣ ଅଭିଯୁକ୍ତଙ୍କୁ ଜଗତ୍‌ସିଂହପୁର ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ଅଭିଯୁକ୍ତମାନେ ନକଲି ମଦ କିଣି ଚୋରା ଚାଲାଣ କରୁଥିଲେ ଅବା ନିଜେ ପ୍ରସ୍ତୁତ କରିଥିଲେ ସେ ତଥ୍ୟ ଜାଣିବା ପାଇଁ ଉଦ୍ୟମ କରାଯାଉଛି ବୋଲି ଜଗତ୍‌ସିଂହପୁର ଥାନା ଆଇଆଇସି ଶୁଭ୍ରାଂଶୁ ପରିଡ଼ା ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ବୈଜୟନ୍ତୀ ପଣ୍ଡା କହିଛନ୍ତି, ଗତ ୨ ତାରିଖରେ ଅସୁସ୍ଥ ୩ ବ୍ୟକ୍ତି ସେମାନଙ୍କ ଗାଁର ତୁଷାର ରଞ୍ଜନ ଦାସଙ୍କ ଠାରୁ ଏକ ଖୋଲା ବିଦେଶୀ ମଦ ବୋତଲ ୩୦୦ ଟଙ୍କାରେ କିଣିଥିଲେ । ସେଥିରୁ ସେମାନେ ଅଳ୍ପ କିଛି ପିଇବା ପରେ ଅସୁସ୍ଥ ହୋଇଯାଇଥିଲେ। ସେମାନଙ୍କୁ ଅପରାହ୍ନରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇଛନ୍ତି। ଅଭିଯୁକ୍ତ ତୁଷାରଙ୍କ ନାମରେ ଆଗରୁ ଅନେକ ଆପରାଧିକ ମାମଲା ରହିଛି। ସେ ମଦ ବୋତଲରେ କିଛି ଅପମିଶ୍ରିତ ଦ୍ରବ୍ୟ ମିଶାଇଥିବା ସନ୍ଦେହ କରାଯାଉଛି। ଅଧିକ ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପଣ୍ଡା ଉଲ୍ଲେଖ କରିଛନ୍ତି।

## ଯାତ୍ରା ମହୋତ୍ସବ ଉଦ୍‌ଘାଟିତ

କୁଜଙ୍ଗ,୩ା୧(ଡି.ଏନ୍.ଏ.)

ପଞ୍ଚାୟତ ଲକ୍ଷ୍ମୀନାରାୟଣ ପଡିଆରେ ପଞ୍ଚାୟତସ୍ତରୀୟ ଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇ ଯାଇଛି। ଲକ୍ଷ୍ମୀନାରାୟଣ ଯାତ୍ରା କମିଟିର ସଭାପତି ଅଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଯୋଗ ଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଯାତ୍ରା କମିଟିର ମୁଖ୍ୟ ଉପଦେଷ୍ଟା ବାସୁଦେବ ସ୍ୱାଇଁ ଯୋଗ ଦେଇ ସାଂସ୍କୃତିକ ମହୋତ୍ସବ ମାଧ୍ୟମରେ ଜନ ସାଧାରଣଙ୍କୁ ଏକତା ସୂତ୍ରରେ ବାନ୍ଧିରଖିବା ପାଇଁ ଏ ମହୋତ୍ସବର ଆୟୋଜନ କରାଯାଇଥିବା କହିଥିଲେ। କମିଟିର ଅନ୍ୟତମ ଉପଦେଷ୍ଟା ନାଟ୍ୟ ନିର୍ଦ୍ଦେଶକ ମନୋଜ ସ୍ୱାଇଁ ଯୋଗ ଦେଇ ଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ପାଣିଗ୍ରାହୀ ଏହି ଅବସରରେ ବରିଷ୍ଠ କଳାକାର ହୃଷିକେଶ ମିଶ୍ର , ଅଶୋକ ରାଉତ, ମିନୁ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ପ୍ରଥମ ରାତ୍ରିରେ 'ତୋ ବିନା ବଞ୍ଚିପାରିବି ନାହିଁ' ନାଟକ ପରିବେଷଣ କରାଯାଇଥିଲା।

# 'ସାବିତ୍ରୀ ଆଦର୍ଶରେ ଅନୁପ୍ରାଣିତ ହେଲେ ଦଳିତ ମହିଳା ଆଗକୁ ବଢ଼ିବେ'



ସାବିତ୍ରୀ ପୁଲେଙ୍କ ଜୟନ୍ତୀ ଉତ୍ସବରେ ଅତିଥି ଏବଂ ଅନ୍ୟମାନେ।

ରଘୁନାଥପୁର, ୩ା୧(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଧୀନସ୍ଥ ଜୟସୋଳ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ସର୍ବଭାରତୀୟ ମହିଳା ଅଧିକାର ମଞ୍ଚ ପକ୍ଷରୁ ସାବିତ୍ରୀବାଇ ଫୁଲେଙ୍କ ୧୯୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଜୟଷୋଳ ସରପଞ୍ଚ ମମତା ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଂଯୋଜିକା ଆଇନଜୀବୀ ଶଶି ମାନସିଂ ଯୋଗଦେଇ ସାବିତ୍ରୀ ବାଇ ଜଣେ ଦଳିତ ଝିଅ ଥିଲେ। ସେ ବାଲ୍ୟ ବିବାହ କରିଥିଲେ। ସ୍ୱାମୀଙ୍କ ସହଯୋଗରେ ପାଠପଢ଼ି ଉଚ୍ଚଶିକ୍ଷିତା ହେବାସହ ବିଭିନ୍ନ ସ୍ଥାନରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଦଳିତ ମହିଳାଙ୍କ ପାଇଁ ଜଣେ ଉଦାହରଣ ପାଲଟିଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦଳିତ ମହିଳା ବହୁ ଆଗକୁ ଆଗେଇପାରିବେ ବୋଲି ମାନସିଂ କହିଥିଲେ। ସମ୍ମାନିତ ଅତିଥିଭାବେ ବରାଗୋଳ ସରପଞ୍ଚ ଜୟନ୍ତୀ ଦାସ, ଜିଲା ସଂଯୋଜିକା ସୁପ୍ରଭା ଦିଗାଲ ଓ ଆଇନଜୀବୀ ଝିଲିନା ଦାସ ପ୍ରମୁଖ ଯୋଗଦେଇ ଦଳିତ ମହିଳାଙ୍କ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସାମାଜିକ କର୍ମୀ ନିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ପାରାଦୀପ କରାଟେ ଆସୋସିଏଶନ ଖେଲୋ ଇଣ୍ଡିଆରେ ସାମିଲ

ପାରାଦୀପ,୩ା୧(ସ୍ୱ.ପ୍ର.)

କୋଲକାତାର ଦାସନଗରସ୍ଥିତ ଅଲମହାନ ଷ୍ଟାଡିୟମରେ ଜାନୁୟାରୀ ୮ରେ ଖେଲୋ ଇଣ୍ଡିଆ କରାଟେ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ପାରାଦୀପ କରାଟେ ଆସୋସିଏଶନର ୧୩ ଜଣ ଛାତ୍ରୀଛାତ୍ର ଭାଗ ନେବେ ବୋଲି କରାଟେ ପ୍ରଶିକ୍ଷକ କାହ୍ନୁ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଜାତୀୟ ଟୁର୍ନାମେଣ୍ଟରେ ପାରାଦୀପ ଆସୋସିଏଶନ ଭାଗ ନେଇଥିବାରୁ ସ୍ଥାନୀୟ କ୍ରୀଡ଼ାବିତମାନେ ଖୁସିବ୍ୟକ୍ତ କରିଛନ୍ତି।

# ସମସେଦ ଆରା, ଅଶୋକ ଦଣ୍ଡସେନା ପ୍ରଥମ

ପାରାଦୀପ,୩ା୧(ସ୍ୱ.ପ୍ର.)



ପାରାଦୀପ ହାଫ୍ ମାରାଥନରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

ପାରାଦୀପ ବନ୍ଦରର ୬୨ ତମ ପ୍ରତିଷ୍ଠା ଦିବସରେ ଆୟୋଜିତ ହାଫ୍ ମାରାଥନ ମଙ୍ଗଳବାର ଶେଷ ହୋଇଛି। ଏଥିରେ ମହିଳା ବର୍ଗରେ ଖୋର୍ଦ୍ଧା ଜିଲାର ସମସେଦ ଆରା ଓ ପୁରୁଷ ବର୍ଗରେ ଓଡିଶା ପୋଲିସର ଅଶୋକ ଦଣ୍ଡସେନା ଯୋଗଦେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ୱିତୀୟ ଓ ତୃତୀୟ ସ୍ଥାନ ମହିଳା ବର୍ଗରେ ବାଲେଶ୍ୱର ଜିଲାର ପୂଜା ବେହେରା, ମୟୂରଭଞ୍ଜ ଜିଲାର ସନ୍ଧ୍ୟା ମୁର୍ମୁ ରହିଥିଲେ। ପୁରୁଷ ବର୍ଗରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଜାମସେଦପୁରର ଅର୍ଜୁନ ଟୁଡୁ ଓ ଲଖନ ସୋରେନ ରହିଥିଲେ। ଏହି ମାରାଥନ୍‌ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୧୪ ହଜାର, ୧୦ ହଜାର ୫୦୦ ଓ ୭ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଅନ୍ୟ ୨୧ ଜଣଙ୍କୁ କ୍ରମାନ୍ୱୟରେ ପୁରସ୍କାର ଦିଆଯାଇଥିଲା। ଉକ୍ତ ମାରାଥନ ବନ୍ଦର ୫ନଂ. ଗେଟ୍ ପାଖ ହନୁମାନ ମନ୍ଦିର ପାଖରୁ ଆରମ୍ଭ ହୋଇ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ ପର୍ଯ୍ୟନ୍ତ ୧୪ କିମି ହୋଇଥିଲା। ଏଥିରେ ପୁରୁଷ ବର୍ଗରେ ୩୧୪ ଓ ମହିଳା ବର୍ଗରେ ୫୦ ସମୁଦାୟ ୩୬୪ ଜଣ ଧାବିକା ଧାବକ ଭାଗ ନେଇଥିଲେ। ଉଦ୍‌ଘାଟନୀ ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ପରାମର୍ଶ ଅଧିକାରୀ ଡି.ଏନ୍. ସୋନ୍ଧି, ଡାକ୍ତର ଦୁର୍ଗାପ୍ରସାଦ ସେଠୀ ଓ ଅନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀ ମଳୟ ଦାସଗୁପ୍ତା ଓ ସିଏମଓ ଡା. ପ୍ରହ୍ଲାଦ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରଶ୍ମିରଞ୍ଜନ ବେଉରା ଓ ରବି ଦାସ ପରିଚାଳନା କରିଥିଲେ।

**ପାରାଦୀପ ହାଫ୍ ମାରାଥନ**

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହର୍ଷ



@ ମନୋଜ



@ ନିମେଶ



@ ରଞ୍ଜନ



@ ସୁନାକର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟ ସବ୍‌ଜୁନିୟର ଦଳରେ ରୁଦ୍ର, ଅନୁଷ୍କା

ପାରାଦୀପ,୩ା୧(ସ୍ୱ.ପ୍ର.)



ରାଜ୍ୟ ସବ୍‌ଜୁନିୟର ଭଲି ବଲ ଦଳରେ ପାରାଦୀପର ଦୁଇ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ସେମାନେ ହେଲେ ସରସ୍ୱତୀ ଶିଶୁମନ୍ଦିର ୯ମ ଶ୍ରେଣୀ ଛାତ୍ରୀ ଅନୁଷ୍କା ସ୍ୱାଇଁ ଓ କଲେଜ ଛାତ୍ର ରୁଦ୍ରନାରାୟଣ ସେଠୀ। ଉଭୟଙ୍କ ଘର ନୂଆଗଡ ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଆ ଗ୍ରାମରେ। ସେମାନଙ୍କୁ ପ୍ରଶିକ୍ଷକ ତୋଫାନ ସ୍ୱାଇଁ ତାଲିମ ଦେଉଥିଲେ। ଓଡ଼ିଶାର ଏହି ଟିମ ଜାତୀୟ ଟୁର୍ନାମେଣ୍ଟ ଖେଳିବା ପାଇଁ ଦିଲ୍ଲୀରେ ପହଞ୍ଚିଛି।

## ସଂକ୍ଷେପରେ

### ଧାନମଣ୍ଡି ପରିଦର୍ଶନ କଲେ ଜିଲାପାଳ

ନୟାଗଡ଼ ଅଫିସ/ଓଡଗାଁ, ୩।୧ (ସ୍ୱ.ପ୍ର.):ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅପ୍ରତ୍ୟାସିତ ଭାବେ ଓଡ଼ଗାଁ ଗସ୍ତ କରି କୋମଣ୍ଡ, ଓଡ଼ଗାଁ, ବାଉଁଶଗାଡ଼ିଆ, ନନ୍ଦିଘୋର ଇତ୍ୟାଦି ବିଭିନ୍ନ ଅଂଚଳର ଧାନମଣ୍ଡି ପରିଦର୍ଶନ କରିଛନ୍ତି । ଜିଲାପାଳ କୋମଣ୍ଡ ଯିବାବେଳେ ଧାନକିଣା ସମ୍ପର୍କରେ ପଚାରିବୁଝିଥିଲେ । ସ୍ଥାନୀୟ ଚାଷୀ କୋମଣ୍ଡ ଧାନ ମଣ୍ଡି ଖୋଲୁ ନଥିବା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଚାଷୀଙ୍କ ଅଭିଯୋଗ ପାଇ କୋମଣ୍ଡ ପ୍ୟାକ୍ସରେ ପହଞ୍ଚିବାରୁ ସମ୍ପାଦକ ଅନୁପସ୍ଥିତ ଥିଲେ । ସେହିପରି ଧାନ ମଣ୍ଡି ଖୋଲିନଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଫେରିଛନ୍ତି । ଏନେଇ ଜିଲା ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନ କୁହନ୍ତି, ମଙ୍ଗଳବାର ଜିଲାପାଳ କିଛି ଧାନ ମଣ୍ଡିକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ମିଲର ଅଖା ବସ୍ତା ଦେଉଛି କି ନାହିଁ ପଚାରି ବୁଝିଥିଲେ । ଏପରିକି ମିଲରଙ୍କୁ ମଧ ଧାନ ଅଖା କାହିଁକି ଦେଉନ ବୋଲି ବିଭିନ୍ନ ସ୍ଥାନରେ ପଚାରିଛନ୍ତି ବୋଲି ପ୍ରକାଶ କରିଛନ୍ତି ।

### ମଣ୍ଡିରେ ଧାନ କଟାକୁ ବିରୋଧ, ପ୍ରତିବାଦ ସଭା

ଖଣ୍ଡପଡ଼ା,୩।୧(ସ୍ୱ.ପ୍ର.)-ବିଭିନ୍ନ ଧାନମଣ୍ଡିରେ ମିଲରମାନେ ମନଇଚ୍ଛା ଅଥବା କୁଇଣ୍ଟାଲ ପିଛା ୫ରୁ ୭କେଜି ଧାନ କ୍ରୟ ବେଳେ କାଟୁଛନ୍ତି । ଚଳିତ ବର୍ଷ ଏହି କଟ୍‌ନୀଛଟ୍‌ନୀ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳ ଚାଷୀମାନେ ଦାବି କରିଛନ୍ତି । ଖଣ୍ଡପଡା ବ୍ଲକ ଅଧିନ ଜଗନ୍ନାଥପ୍ରସାଦ ସେବା ସମବାୟ ସମିତିରେ ଧାନକ୍ରୟ ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହେବା ସହ ମିଲର ଓ ସେବା ସମବାୟ ସମିତିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କାର୍ଯ୍ୟ ଶେଷ ହୋଇଛି । ଉକ୍ତ ମଣ୍ଡିରୁ ଧାନକ୍ରୟ ବେଳେ ପ୍ରତିବର୍ଷ କୁଇଣ୍ଟାଲ ପିଛା ୫ରୁ ୭ କେଜି ଧାନ କଟା ଯାଉ ଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି । ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜଗନ୍ନାଥପ୍ରସାଦ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସଙ୍ଗଠନର ନୟାଗଡ଼ ଜିଲା ସଂଯୋଜକ ମମତା ନାଥ, ସହ ସଂଯୋଜକ ରଞ୍ଜିତ ଦଳବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଧାନ କିଣା ନୀତିକୁ କଟୁ ସମାଲୋଚନ କରିବା ସହ ଏହାର ବିରୋଧରେ ନାନା ନାରାବାଜି ଦେଇଥିଲେ । ମିଲରଙ୍କ ମନମାନିରେ ଧାନ କାଟ ହେଲେ ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଝୁଲାଇ ହରତାଳ କରାଯିବ ବୋଲି ସଙ୍ଗଠନର ସଦସ୍ୟା, ସଦସ୍ୟମାନେ ଚେତାବନୀ ଦେଇଛନ୍ତି । ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧୀନ କୁହାଁରା, କାଦୁଆପଡା, କାଦୁଆପାଟଣା, ମହୁଲିଆ ଓ ଆଖପାଖ ଗ୍ରାମରୁ ୫୦ରୁ ଉର୍ଦ୍ଧ୍ୱ ଚାଷୀ ପ୍ରତିବାଦ ସଭାରେ ଯୋଗ ଦେଇ ନାରା ବାଜି କରିଥିଲେ ।

### ମା’ ବାଟପଚ୍ଛେଇଙ୍କ ବାର୍ଷିକ ପୂଜା

ଗଣିଆ,୩।୧(ଡି.ଏନ୍.ଏ.)-ନୟାଗଡ଼ ଜିଲା ଗଣିଆ ବ୍ଲକ୍ ଆଦିବାସୀ ବହୁଳ ଗ୍ରାମ ବଡ଼ସିଲିଙ୍ଗା ପଞ୍ଚାୟତର ଆରାଧ ଦେବୀ ମା’ ବାଟପଚ୍ଛେଇଙ୍କ ବାର୍ଷିକ ପୂଜା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୋମବାର ଶୁଭାଧିବାସ ପରେ ମଙ୍ଗଳବାର ଅପରାହ୍ନରେ ଆଦିବାସୀ ସମ୍ପ୍ରଦାୟର ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ବଡ଼ସିଲିଙ୍ଗା ପଞ୍ଚାୟତର ୩୩ ଗ୍ରାମର ଲୋକଙ୍କ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଆଦିବାସୀ ସମ୍ପ୍ରଦାୟର ଏହା ମୁଖ୍ୟ ପର୍ବ ହୋଇଥିବାରୁ ବହୁ ମାନସିକଧାରୀ ବୋଦା, ଗଞ୍ଜା, କୁକୁଡ଼ା ବଳି ପକାଇଥିଲେ । ସେହିପରି ଗଣିଆ ବ୍ଲକର ଅନ୍ୟ ପଞ୍ଚାୟତରୁ ବହୁ ଶ୍ରଦ୍ଧାଳ ମା’ଙ୍କ ପାଖରେ ଭୋଗ ଲାଗି କରିବା ପାଇଁ ନଡ଼ିଆ, କଦଳୀ, ସିନ୍ଦୁର, ଧୂପକାଠି ଆଦି ଧରି ଆସିଥିଲେ । ଭିଡ଼କୁ ଆଖି ଆଗରେ ରଖି ସେଠାରେ ବହୁ ଅସ୍ଥାୟୀ ଦୋକାନ ବଜାର ଖୋଲିଥିଲା । ପୂଜା ପରିଚାଳନା କମିଟି ତରଫରୁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପୂଜାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ଲକ୍ଷ୍ୟ କରି ମାଦକ ଦ୍ରବ୍ୟ ସେବନ ଓ ବିକ୍ରୟ ଉପରେ କଟକଣା ଜାରି କରାଯାଇଥିଲା ବୋଲି କମିଟିର ସମ୍ପାଦକ ବିପ୍ରଚରଣ ମଳିକ କହିଛନ୍ତି । ଅନ୍ୟପକ୍ଷେ ବଡ଼ସିଲିଙ୍ଗା ପଞ୍ଚାୟତର ବହୁ ଗ୍ରାମ ଦୁର୍ଗମ ଅଞ୍ଚଳରେ ଥିବାରୁ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କ ପାଇଁ ଖଜଣା ଆଦାୟ କଷ୍ଟସାଧ ହୋଇଥାଏ । ତେବେ ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଲୋକମାନେ ଏହି ପୂଜାଉତ୍ସବକୁ ଆସିଥାନ୍ତି। ଏହି ସୁଯୋଗରେ ରାଜସ୍ୱ ବିଭାଗର କର୍ମଚାରୀମାନେ ଉତ୍ସବ ସ୍ଥଳରେ ଉପସ୍ଥିତ ରହି ଖଜଣା ଆଦାୟ କରିଥାଆନ୍ତି ।

# କୋମଣ୍ଡ ଆରଆଇ ନିଲମ୍ବିତ

- ବେଆଇନ ମାଙ୍କଡା ଖଣି ଖନନ ମହଙ୍ଗା ପଡିଲା
- ଓଡ଼ଗାଁ ତହସିଲଦାରଙ୍କୁ କାରଣଦର୍ଶାଅ ନୋଟିସ୍
- ଉପଜିଲାପାଳ ତଦନ୍ତ ରିପୋର୍ଟକୁ ଅପେକ୍ଷା

ନୟାଗଡ଼ ଅଫିସ/ଓଡ଼ଗାଁ,୩।୧(ସ୍ୱ.ପ୍ର.)

ମଙ୍ଗଳବାର ନୟାଗଡ଼ ଜିଲାପାଳ ରବୀନ୍ଦ୍ର କୁମାର ସାହୁ ଓଡ଼ଗାଁ ତହସିଲ ଅଞ୍ଚଳକୁ ଅଚାନକ ଗସ୍ତ କରି ବେଆଇନ ଖଣି ଖନନ ଘଟଣାରେ କୋମଣ୍ଡ ଆରଆଇ ସୁଧିର କୁମାର ପରିଡ଼ାଙ୍କୁ ନିଲମ୍ବିତ କରିଛନ୍ତି । ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଏତଦ୍ ବ୍ୟତୀତ ତହସିଲଦାରଙ୍କ ନାମରେ ପ୍ରୋସିଡିଂ ପାଇଁ ଉପଜିଲାପାଳଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି । ଏହି କମିଟି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୧୫ଦିନ ମଧ୍ୟରେ ତଦନ୍ତ ବିବରଣୀ ପ୍ରଦାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉପଜିଲାପାଳଙ୍କ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ଓଡଗାଁ ତହସିଲ କୋମଣ୍ଡ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା କୋମଣ୍ଡ, ବାଦଭୂଇଁ, ଭଗବତୀପ୍ରସାଦ, ରୋହିବାଙ୍କ, ଉଦୟପୁର ଅଞ୍ଚଳରେ ବେଆଇନ ଭାବେ ମାଙ୍କଡା ପଥର ଖଣି ଓ ମୋରମ ଖଣି ଚାଲୁଥିଲା । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନସ୍ତରରେ ଆଲୋଡନ ସୃଷ୍ଟି ହୋଇଥିଲା । ଜିଲାପାଳ ଅଚାନକ ମଙ୍ଗଳବାର ଚଢ଼ାଉ କରିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ଶକ୍ତିକାନ୍ତ ରାୟ ସାମିଲ ଥିଲେ । ଓଡ଼ଗାଁରେ ପହଞ୍ଚିବା ପରେ ଜିଲାପାଳ ଓ ଉପଜିଲାପାଳ ସ୍ଥାନୀୟ ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କ



କୋମଣ୍ଡ ଖଣି ।

ସହ କୋମଣ୍ଡ ଅଞ୍ଚଳକୁ ଗସ୍ତ କରି ବିଭିନ୍ନ ମାଙ୍କଡା ଓ ମୋରମ ଖଣି ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ୩୦ ଫୁଟର ଗର୍ତ୍ତ ଟାପୁ, ଘାଇକୁ ଦେଖି ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାର ରାଜସ୍ୱ ହରାଇବା ଓ ବେଆଇନ ମାଙ୍କଡା ପଥର ଖଣିକୁ ନେଇ ଆରଆଇଙ୍କ ବିରୋଧରେ ପ୍ରାରମ୍ଭିକ ସ୍ତରରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ ।

**ଆରଆଇ ଫସିଲେ, ଅନ୍ୟମାନେ ଖସିଲେ:**ଆରଆଇ ନିଲମ୍ବିତ ହେବା ପରେ ତହସିଲଦାର ସନ୍ଦେହ ଘେରକୁ ଆସିଛନ୍ତି । ବେଆଇନ ପଥରଖଣି ଖନନ ଘୋଟାଲାରେ ଆରଆଇଙ୍କ ସମେତ ଏକାଧିକ ସରକାରୀ କର୍ମଚାରୀ ଓ ଅଧିକାରୀ, ଖବରଦାତା, ରାଜନେତା ସମ୍ପୃକ୍ତ ଥିଲେ । ଏଭଳି ସ୍ଥଳେ କେବଳ ଆରଆଇଙ୍କୁ ଦୋଷୀ କରାଯାଇ ଘଟଣାକୁ ଚାପି ଦେବାକୁ ପ୍ରୟାସ ହୋଇଛି ବୋଲି ଅଭିଯୋଗ ଉଠିଛି ।

**ବିଡିଓ ଅଫିସରେ ଅନୁପସ୍ଥିତ:** ଜିଲାପାଳଙ୍କ ଓଡ଼ଗାଁ ଗସ୍ତ ସମୟରେ କାର୍ଯ୍ୟାଳୟରେ ବିଡିଓଙ୍କ ସମେତ ଅନେକ କର୍ମଚାରୀ ଅନୁପସ୍ଥିତ ଥିଲେ। ଜିଲାପାଳ ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟରେ ବସି ରହିଥିଲେ। ତେବେ ବିଡିଓଙ୍କ ଦେଖା ମିଳି ନ ଥିଲା । କିନ୍ତୁ ଜିଲାପାଳଙ୍କ ଉପସ୍ଥିତି ଜାଣି ପାରି ବ୍ଲକ ଚେୟାରମ୍ୟାନ ଆସି ଜିଲାପାଳଙ୍କୁ ଭେଟି ତାଳି ପକା ଉଦ୍ୟମ କରିଥିଲେ। ଅନ୍ୟପକ୍ଷେ କ୍ଷେତ୍ର ପରିଭ୍ରମଣ ନାମରେ ଓଡ଼ଗାଁ ବ୍ଲକକୁ ସ୍ଥାନୀୟ ବିଡିଓ ଅଧିକାଂଶ ଦିନ ଆସୁ ନ ଥିବା ଅଭଯୋଗ ରହିଛି । ଏପରିକି ନିଜ ସରକାରୀ ବାସ ଭବନରେ ବିଡିଓ ରହୁ ନ ଥିବା ଅଭିଯୋଗ ରହିଛି । ବିଡିଓଙ୍କ ଅନୁପସ୍ଥିତ ନେଇ ଗଣମାଧ୍ୟମର ପ୍ରତିନିଧି ପଚାରିବାରେ ଜିଲାପାଳ କହିଥିଲେ ଅପେକ୍ଷା କରନ୍ତୁ । ସବୁ ଘଟଣାରେ ତରବରିଆ ହେଲେ ହେବ ନାହିଁ ବୋଲି ପ୍ରକାଶ କରିଥିଲେ ।

**ଖଣିଚୋର ଛାନିଆ:** ଜିଲାପାଳଙ୍କ ଚଢ଼ାଉ ପରେ ଖଣିଚୋର ଛାନିଆ ହୋଇ ପଡିଛନ୍ତି । ପରିସ୍ଥିତି ଶାନ୍ତ ହେବା ପର୍ଯ୍ୟନ୍ତ ଖଣି ଖନନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏନେଇ ଜଣେ ଖଣି ଚୋର ନିଜ ନାମ ଗୋପନ ରଖି କହିଛନ୍ତି ବେଆଇନ ଖଣି ଖନନ ସବୁ ସ୍ଥାନରେ ଚାଲିଛି । ଏଥିପାଇଁ ପ୍ରତି ମାସରେ ଖର୍ଚ୍ଚ ଦିଆ ଯାଉଥିଲା । ଚଢ଼ାଉ ବି ହେଉ ନଥିଲା । ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ାଉ ପୂର୍ବରୁ ଆମକୁ ଆଗୁଆ ସୂଚନା ମିଳି ଯାଉଥିଲା । ସବୁ କିଛି ଠିକଠାକ ଥିଲା । ଆଉ କିଛି ଅଧିକ ଖର୍ଚ୍ଚ ଦେବାକୁ ପଡିଥିଲେ ଦିଆ ହୋଇଥାନ୍ତା । ତେବେ ଖଣିଖନନକୁ ବନ୍ଦ କରାଗଲେ ମାଙ୍କଡା ପଥରରେ ଘର ଲୋକମାନେ କିପରି କରିବେ। ଇଟା ଠିକରେ ମିଳୁନି । ଆମ ରୋଜଗାର ବନ୍ଦ ହୋଇଯିବ । ଏଣୁ ଆମେ ନୟାଗଡ଼ରେ ଏନେଇ ଏକ ବୈଠକ କରି ସାରିଛୁ । କିଛି ଦିନ ପରେ ପୁଣି ଆମ ଖଣି ଖନନ କରାଯିବ ବୋଲି ନିଷ୍ପତି ନେଇଛୁ ବୋଲି କହିଛନ୍ତି ।

## ବଣଭୋଜି, ବାଲିଚଲା ଖିଆ ପରମ୍ପରା ପାଳିତ



ବାଲିପଠାରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

ଖଣ୍ଡପଡ଼ା,୩।୧(ସ୍ୱ.ପ୍ର.)

ପୁରାଣର ଲୋକ କଥାକୁ ଉଜ୍ଜୀବିତ ରଖିବା ତଥା ମନସ୍କାମନା ପୂରଣ ପାଇଁ ମଙ୍ଗଳବାର କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ବଣଭୋଜି ଓ ବାଲିଚଲା ଖିଆ ପ୍ରଥା ପାଳିତ ହୋଇଯାଇଛି । ପଥରଚକଡା, ବାଣପୁର, ଧାନଚେଙ୍ଗଡା, ମାଧପୁର, କାଳିଆପଲ୍ଲୀ, ତେନ୍ତୁଳାପଲ୍ଲୀ ଆଦି ଅଞ୍ଚଳର ଝିଅବୋହୂ, ଓ ମହିଳାମାନେ ମହାନଦୀ, କମେଇ ଓ ଆଖପାଖରେ ଥିବା ପାହାଡ଼କୁ ଯାଇ ଏହି ପରମ୍ପରା ପାଳନ କରିଥିଲେ । ବନଦୁର୍ଗାଙ୍କୁ ମାନସିକ କରି ତୁଳସୀ, ଫୁଲ, ଧାନ ଗଛ, ଆଖୁ ରଖି ମହିଳାମାନେ ବାଲିରେ ଅବା ପାହାଡ଼ ଉପରେ ବେଦୀ ପ୍ରସ୍ତୁତ କରି ଭାଗବତର ଗୋପଲୀଳା ଅଧ୍ୟାୟ ପାଠ କରିଥିଲେ ।

ଏହି ପର୍ବର ବିଶେଷତ୍ୱ ହେଉଛି, ବର୍ଷର ଆଜିର ଦିନରେ ସମ୍ପୃକ୍ତ ଅଞ୍ଚଳର ବହୁ ମହିଳା ଓ ବାଳିକା ମହାନଦୀର ଆରପାରିକୁ କିମ୍ବା ମହାନଦୀ, କମେଇ ନଦୀର ସଙ୍ଗମ ସ୍ଥଳ ବାଲିପଠାକୁ ମୋଟର ବୋଟ ଓ ଡଙ୍ଗାରେ ଯାଇ ଥାଆନ୍ତି । କେହି କେହି ନିକଟସ୍ଥ ପାହାଡ ଉପରକୁ ଯାଇ ବଣ ଭୋଜି କରିଥାନ୍ତି। ସାଙ୍ଗରେ ନେଇଥିବା ପିଠା, ଧନୁ ମୁଆଁ, ବରା, ପକୁଡି, ଗୁଡ ଚାଉଳ ଗୁଣ୍ଡ ମିଶ୍ରିତ ପୋଡ ପିଠା, ବାଦାମ, ମୁଢି ଆଦି ସ୍ଥାପନା କରିଥିବା ବନ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି । ପରେ ମହିଳା, ବାଳିକାମାନେ ସମସ୍ତ ଖାଦ୍ୟକୁ ଏକାଠି କରି ପରସ୍ପର ମଧ୍ୟରେ ବାଣ୍ଟି ଖାଇଥାଆନ୍ତି । ପୂଜାର୍ଚ୍ଚନା ସମୟରେ ମହିଳାମାନେ ଗୋପ ଲୀଳା ଅଧ୍ୟାୟ ପାଠ କରିବା ସହ ନୃତ୍ୟ କରିଥାନ୍ତି । ସମୟାନୁକ୍ରମେ ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁ ଏବେ ମହିଳାମାନେ ନଦୀ ପଠାକୁ ବଣଭୋଜି କରିବାକୁ ଯାଉଛନ୍ତି । ବହୁ ମହିଳା ଗ୍ରାମ ନିକଟରେ ଥିବା ପାହାଡକୁ ଆଜି ବଣ ଭୋଜି କରିବାକୁ ଯାଇଥିବା ସୂଚନା ମିଳିଛି । ନଦୀ ପଠାକୁ ଲୋକେ ବାଲି ଚାଲି ଚାଲି ଯାଉଥିବାରୁ ଏହାକୁ ବାଲିଚଲା ଖିଆ ବୋଲି କୁହାଯାଇଛି ।

## ପାଠାଗାରର ବାର୍ଷିକ ଉତ୍ସବ ପାଳିତ

ଖଣ୍ଡପଡ଼ା,୩।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ରାମଚଣ୍ଡୀ ସାହିସ୍ଥିତ କବିସୂର୍ଯ୍ୟ ପାଠାଗାରର ୪୯ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରହ୍ଲାଦ ବେହୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୁପେ ଯୋଗଦେଇଥିବା ବେଳେ କୁନିକୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଭଜନ, ଶ୍ରୁତ ଲିଖନ,ପ୍ରବନ୍ଧ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୁପେ ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କୁମାର କର, ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ବିରଞ୍ଚି ନାରାୟଣ ମିଶ୍ର, ଶରତ ମିଶ୍ର, ସୂର୍ଯ୍ୟମଣୀ ରଣା,ସତ୍ୟ ନାରାୟଣ ମିଶ୍ର,ଦୂର୍ଗାପ୍ରସାଦ ପ୍ରଧାନ, ପ୍ରଫୁଲ୍ଲ କୁମାର ପ୍ରଧାନ, ବିନୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ବିଭିନ୍ନ କଳାରେ ନିପୁଣ କଳାକାର ପବିତ୍ର କୁମାର ରଣାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଭାପତି ସତ୍ୟବାଦୀ ପ୍ରଧାନ ପରିଚାଳନା କରିଥିଲେ ।

## ପଞ୍ଚାୟତରୁ ଚାଉଳ ଆଣୁଥିବା ବେଳେ ବୃଦ୍ଧ ମୃତ

ଖଣ୍ଡପଡ଼ା,୩।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ମଝିସାହି ପାଟଣା ଗ୍ରାମର କିଶୋର ଚନ୍ଦ୍ର ମହାପାତ୍ର(୬୫) ୨ମାସର ରାଶନ ଚାଉଳ ସାଇକେଲରେ ଲଦି ଘରକୁ ଆଣୁଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି । ମଙ୍ଗଳବାର ଅପରାହ୍ନରେ ଏହି ଘଟଣା ଘଟିଛି । ଚାଉଳ ଆଣୁଥିବା ସମୟରେ କିଶୋର କଣ୍ଟିଲୋ–ଗଣିଆ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ଖସିପଡି ଥିଲେ । ତାଙ୍କୁ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିଲା । ପରେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସେହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

# ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇଲେ ଦର୍ଶକ




ଭଣ୍ଡାର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ।

**ଭଣ୍ଡାର ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ଶରଣକୁଳ,୩।୧(ଡି.ଏନ.ଏ.)

ମଙ୍ଗଳବାର ଥିଲା ଶରଣକୁଳ ଭଣ୍ଡାର ମହୋତ୍ସବର ଚତୁର୍ଥ ସନ୍ଧ୍ୟା । ଏହି ମହୋତ୍ସବ ଆରମ୍ଭରୁ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ପିଲାମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ଭାବବିହ୍ୱଳ ହୋଇ ପଡିଥିଲେ । ଏଥିସହିତ ଦର୍ଶକମାନେ ଏହି ମହୋତ୍ସବରେ ଖୋଲିଥିବା ଚଟ୍‌ପଟି ଦୋକାନରୁ ମଜା ଉଠାଇଥିଲେ । ବିଶେଷ କରି ଗୁପ୍‌ଚୁପ୍, ଚାଟ୍, ଦହିବରା, ମଥୁରା କେକ୍, ଚାଓମିନ୍, ରୋଲ, ଲଙ୍କାଚପ୍ ଆଦି ଦୋକାନରେ ମହିଳାମାନଙ୍କ ଭିଡ଼ ଜମିଥିଲା । ଦର୍ଶକମାନେ ବହୁ ସମୟ ପର୍ଯ୍ୟନ୍ତ ମହୋତ୍ସବର ଯାତ୍ରା ପଡିଆରେ ଉପସ୍ଥିତ ରହି ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଆଜିର ମହୋତ୍ସବରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ, ଗୋଡିପଡା ଜୋନ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଢ଼ିହାରୀ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଥମେ ଲଡୁବାବାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ନୟାଗଡ଼ ଆର୍‌ସିଏନ୍‌ଏସ୍ ସଭାପତି ମାମୁନୀ ରଫ୍, ସୁଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ହର୍ଷ



@ ମନୋଜ



@ ନିମେଷ



@ ରଞ୍ଜନ



@ ସୁନାକର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାସ୍ତା ଉପରେ ନର୍ଦ୍ଦମାପାଣିକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୩।୧(ସ୍ୱ.ପ୍ର.)

ରାସ୍ତା ଉପରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡା ସହରର ୧୧ନଂ. ୱାର୍ଡ ଗଡଭିତର ସାହି ପଛପାଖ ରାସ୍ତା ଉପରେ ମାସ ମାସ ଧରି ନର୍ଦ୍ଦମା ପାଣି ଜମି ରହୁଛି । ଉକ୍ତ ରାସ୍ତା ଦେଇ ଯାତାୟତ ନିମନ୍ତେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ ଏହାର ପ୍ରତିକାର ଦିଗରେ କେହି ହେଲେ ଧ୍ୟାନ ଦେଉ ନ ଥିବାଅଭିଯୋଗ ହେଉଛି। ଉକ୍ତ ରାସ୍ତାଟି ଖଣ୍ଡପଡ଼ା ବ୍ଲକ ଠାରୁ ତହସିଲ କାର୍ଯ୍ୟାଳୟକୁ ସଂଯୋଗ କରୁଛି। ଦୂରତ୍ୱ କମ ଦୃଷ୍ଟିରୁ ଦୈନିକ ଉକ୍ତ ରାସ୍ତା ଦେଇ ଶତାଧିକ ଜନସାଧାରଣ ଯାତାୟତ କରୁଥିବା ବେଳେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ପୂତିଗନ୍ଧମୟ ପରିବେଶରେ ଅତିଷ୍ଟ ଲୋକେ ଉକ୍ତ ରାସ୍ତା ଦେଇ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ସ୍ଥାନୀୟ ଜନସାଧାରଣ ତଥା ଡ୍ରେନ ନିକଟରେ ଥିବା ଗୃହର ଆବର୍ଜନା ସବୁ ସିମେଣ୍ଟ କଂକ୍ରିଟ ରାସ୍ତା କଡରେ ରହିଥିବା ଡ୍ରେନରେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବା ସହ ଉଦ୍‌ବୃତ୍ତ ନର୍ଦ୍ଦମାଜଳ ରାସ୍ତା ଉପରେ ପ୍ରବାହିତ ହେଉଛି । ଏଥିପ୍ରତି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅଧକ୍ଷା ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

